### ସବୁଜ ରଙ୍ଗରେ ରଙ୍ଗୀନ ବଲାଙ୍ଗିର ଓ ପାଟଣାଗଡ଼

# ନାମାଙ୍କନ ଭରିଲେ ନୀହାର ଓ ସରୋଜ






**ବଲାଙ୍ଗିର/ପାଟଣାଗଡ଼, ୩।୫(ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହା ନିର୍ବାଚନମଣ୍ଡଳୀ ପାଇଁ ବିଜେଡିରୁ ନାମାଙ୍କନ ଭରିଲେ ନିହାର ରଞ୍ଜନ ବେହେରା। ନାମାଙ୍କନର ଶେଷ ଦିନରେ ସେ ନାମାଙ୍କନ ଭରିବା ସହ ଶକ୍ତି ପ୍ରଦର୍ଶନ କରିଛନ୍ତି। ତାଙ୍କ ନାମାଙ୍କନ ଦାଖଲ ଶୋଭାଯାତ୍ରାରେ ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକର ଶହ ଶହ ସମର୍ଥକ ସାମିଲ ହୋଇଥିଲେ। ସେହିପରି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ସରୋଜ ମେହେର ମଧ ନାମାଙ୍କନ ଦାଖଲ କରିଥିଲେ।

ବଲାଙ୍ଗିର ଜିଲ୍ଲାରେ ଶୁକ୍ରବାର ଦୁଇ ଜଣ ବିଜେଡି ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଲୋଇସିଂହା ଆସନ ପାଇଁ ନିହାର ରଞ୍ଜନ ବେହେରା ଓ ପାଟଣାଗଡ଼ ଆସନ ପାଇଁ ସରୋଜ ମେହେର ବିରାଟ ଶୋଭାଯାତ୍ରାରେ ଆସି ନାମାଙ୍କନ ଭରିଥିଲେ। ଲୋଇସିଂହା ବିଧାୟକ ପ୍ରାର୍ଥୀ ନିହାର ରଞ୍ଜନ ବେହେରା ନାମାଙ୍କନ ଭରିବା ପୂର୍ବରୁ ବଲାଙ୍ଗିରରେ ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ମା' ଙ୍କ ଆଶୀର୍ବାଦ ଲାଭ କରିବା ପରେ ସେ ନିଜ ସମର୍ଥକ ମାନଙ୍କ ସହ ନାମାଙ୍କନ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସ୍ଥାନୀୟ ପିଆର୍ ହାଇସ୍କୁଲ ପଡ଼ିଆରୁ ଏହି ନାମାଙ୍କନ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଲୋଇସିଂହା ନିର୍ବାଚନମଣ୍ଡଳୀ ଅଧୀନ ଲୋଇସିଂହା, ଆଗଲପୁର ଓ ପୁଇଁନ୍ତଲା ବ୍ଲକର ଶହଶହ ବିଜେଡି

**ନିଶ୍ଚିତ ବିଜୟ ପାଇଁ ଦମ୍ଭ ଦେଖାଇଲେ ବିଧାୟକ ପ୍ରାର୍ଥୀ**

ସମର୍ଥକ ସାମିଲ ହୋଇଥିଲେ। ଏହା ସହିତ ନିହାରଙ୍କ ସହ ତାଙ୍କ ବାପା ତଥା ପୂର୍ବତନ ମନ୍ତ୍ରୀ ଯୋଗେନ୍ଦ୍ର ବେହେରା, ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂଭୋଇ, ଲୋଇସିଂହା ବ୍ଲକ ଅଧକ୍ଷ ଯତୀନ୍ଦ୍ର ପଟେଲ, ପୁଇଁନ୍ତଲା ବ୍ଲକ ଅଧକ୍ଷ ସରୋଜ ପ୍ରଧାନ, ଆଗଲପୁର ବ୍ଲକ ଉପାଧକ୍ଷା ନିରୁପମା ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ଆକାଶ ମିଶ୍ର, ପୂର୍ବତନ ଲୋଇସିଂହା ବ୍ଲକ ଅଧକ୍ଷ ରିଶି କୁମାର ଅଗ୍ରୱାଲ, ଜିଲ୍ଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଜିଲ୍ଲାପରିଷଦ ସଦସ୍ୟ ଲିଲିମା ବେହେରା, ବୀଣାପାଣି ଦାସ, ସଂଯୁକ୍ତା ବରିହା, ଅନୁରାଧା ପ୍ରିୟଦର୍ଶିନୀ ବେହେରା, ସବିତା ସେଠ, ଜ୍ୟୋସ୍ନାମୟୀ ନାଗ, ଲୋଇସିଂହା ବ୍ଲକ ସଭାପତି ହୃଦୟାନନ୍ଦ ବେହେରା, ଆଗଲପୁର ବ୍ଲକ ସଭାପତି ପଞ୍ଚୁ ପଧାନ, ପୁଇଁନ୍ତଲା ବ୍ଲକ ସଭାପତି ବିଷ୍ଣୁ ପଟେଲଙ୍କ ସହ ବହୁ କର୍ମକର୍ତ୍ତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ସେହିପରି ପାଟଣାଗଡ଼ ନିର୍ବାଚନମଣ୍ଡଳୀ ପାଇଁ ଶୁକ୍ରବାର ନାମାଙ୍କନ ଭରିଥିଲେ ବିଧାୟକ ସରୋଜ ମେହେର। ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରିଥିଲେ ଶ୍ରୀ ମେହେର। ଏହି ନାମାଙ୍କନ ଶୋଭାଯାତ୍ରା ଜଗନ୍ନାଥ ମନ୍ଦିରରୁ ବାହାରି କଲେଜ ଛକ, ମେହେରପଡ଼ା ଦେଇ ରାମ୍‌ଜୀଛକରେ ବାହାରିଥିଲେ। ସେଠାରୁ ଏହି ଶୋଭାଯାତ୍ରା ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ନିଜ ସମର୍ଥକଙ୍କ ଗହଣରେ ସରୋଜ ମେହେର ନାମାଙ୍କନ ଭରିବା ସହ ପାଟଣାଗଡ଼ ସହରରେ ଶକ୍ତି ପ୍ରଦର୍ଶନ କରିଥିଲେ। ଏହି ନାମାଙ୍କନ ଶୋଭାଯାତ୍ରାରେ ଏନ୍‌ଏସି ଅଧକ୍ଷା ମାନସୀ ବିଶ୍ୱାଳ, ପାଟଣାଗଡ଼ ବ୍ଲକ ଅଧକ୍ଷ ନିଳକାନ୍ତ ବାଗ, ବେଲପଡ଼ା ଅଧକ୍ଷା ଟିନା କୁମ୍ଭାର, ଏହି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପାଟଣାଗଡ଼, ଖପ୍ରାଖୋଲ ଓ ବେଲପଡ଼ା ବ୍ଲକର ଛଅ ଜିଲ୍ଲା ପରିଷଦ ସଦସ୍ୟ ସମେତ ଶହ ଶହ ସଂଖ୍ୟାରେ ସମର୍ଥକ ସାମିଲ ହୋଇଥିଲେ। ଏହା ପୂର୍ବରୁ କଣ୍ଟାବାଞ୍ଜି ବିଧାନସଭା ଆସନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଟିଟିଲାଗଡ଼ ଆସନ ପାଇଁ ଟୁକୁନୀ ସାହୁ, ବଲାଙ୍ଗିର ଆସନ ପାଇଁ କଳିକେଶ ନାରାୟଣ ସିଂହଦେଓ ଓ ଲୋକସଭା ଆସନ ପାଇଁ ସୁରେନ୍ଦ୍ର ସିଂ ଭୋଇ ନାମାଙ୍କନ ଦାଖଲ କରିସାରିଛନ୍ତି। ଏହି ନାମାଙ୍କନ ଶୋଭାଯାତ୍ରାରେ ବଲାଙ୍ଗିର ଓ ପାଟଣାଗଡ଼ ସହର ସବୁଜ ରଙ୍ଗରେ ରଙ୍ଗୀନ ହୋଇଥିଲା।

## ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ଖପ୍ରାଖୋଲ, ୩।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ଥାନା ଅଧୀନ ଗମ୍ଭାରୀ ଗ୍ରାମର କନିଷ୍କ ଗଡ଼ତ୍ୟା (୪୮) ଘରୋଇ ଗଣ୍ଡୋଗଳକୁ କେନ୍ଦ୍ରକରି ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି। ଏନେଇ କନିଷ୍କଙ୍କ ଭାଇ ଯାଦବ ଗଡ଼ତ୍ୟା ଖପ୍ରାଖୋଲ ଥାନାରେ ଏକ ଲିଖିତ ଅଭିଯୋଗ କରିଥିବାବେଳେ ପୁଲିସ ପହଞ୍ଚି ଶବ ଜବତ କରି ତଦନ୍ତ ଆରମ୍ଭ କରିଛି। ପୁଲିସ ପ୍ରାଥମିକ ତଦନ୍ତରୁ କନିଷ୍କ ଆତ୍ମହତ୍ୟା କରିଥିବା ପ୍ରକାଶ କରିଛି। ଶବର ପଞ୍ଚନାମା ପରେ ପରିବାରର ବର୍ଗଙ୍କୁ ହସ୍ତାନ୍ତର କରିଥିବାବେଳେ ଖପ୍ରାଖୋଲ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଅଧିକ ତଦନ୍ତ ଚାଲିଥିବା ଥାନା ଏସ୍‌ଆଇ ନାରାୟଣ ସାହୁ ପ୍ରକାଶ କରିଛନ୍ତି।

## ଗଛରେ ପିଟିଲା ବାଇକ୍; ଯୁବକ ମୃତ

**ଖପ୍ରାଖୋଲ, ୩।୫(ସମିସ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ଲାଠୋର ଥାନା ଅଧୀନ ଫୁଲୁକିମୁଣ୍ଡା ବଜାର ନିକଟ ବୁଲାଣିରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାଫଳରେ ଚାଳକଙ୍କ ମୃତ୍ୟୁ ଘିଟିଛି। ଖପ୍ରାଖୋଲ ପଟୁ ଆକାଶ ସାହୁ ( ୧୮) ନିଜ ଗ୍ରାମ ଗୁର୍ଜିଭଟାରୁ ଲାଠୋର ଗ୍ରାମକୁ କୌଣସି କାମରେ ଯାଉଥିବା ସମୟରେ ଫୁଲୁକିମୁଣ୍ଡା ବଜାର ନିକଟ ବୁଲାଣିରେ ଥିବା ଏକଗଛରେ ପିଟି ହୋଇଥିଲେ। ସ୍ଥାନୀୟ ଲୋକେ ଆକାଶଙ୍କୁ ଉଦ୍ଧାର କରି ଖପ୍ରାଖୋଲ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଆକାଶଙ୍କୁ ମୃତ ଘୋଷଣା କରିଥିଲେ। ଲାଠୋର ପୁଲିସ୍ ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଞ୍ଚି ଶବ ଜବତ କରି ଶବର ପଞ୍ଚନାମାପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ। ଏନେଇ ଲାଠୋର ଥାନା ଅଧିକାରୀ ରାକେଶ ବେହେରାଙ୍କୁ ପଚାରିବାରୁ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଥିଲେ।

## ବିଭିନ୍ନ ଦଳ ପକ୍ଷରୁ ନାମାଙ୍କନ ଦାଖଲ

**ଟିଟିଲାଗଡ଼, ୩।୫(ସମିସ):** ଟିଟିଲାଗଡ଼ ଉପଖଣ୍ଡ ଅଧୀନ ୬୯-ଟିଟିଲାଗଡ଼ ଓ ୭୦-କଣ୍ଟାବାଞ୍ଜି ନିର୍ବାଚନୀ ମଣ୍ଡଳୀରେ ନାମାଙ୍କନ ପତ୍ର ଦାଖିଲର ଅନ୍ତିମ ଦିବସରେ ସ୍ୱାଧୀନ ପ୍ରାର୍ଥୀ ଭାବେ ସତ୍ୟନାରାୟଣ ବହିଦାର, ବିଜେପି ପ୍ରାର୍ଥୀ ନବୀନ କୁମାର ଜୈନ ୧ ସେଟ୍, ଏହା ପୂର୍ବରୁ ଶ୍ରୀଜୈନ ୩ ଗୋଟି ସେଟ୍ ଦାଖଲ କରିଛନ୍ତି। ଆମ୍ବେଦକ ରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ଈଶ୍ୱରଚନ୍ଦ୍ର ଗୁର୍ଡା ଓ କୋଶଲ ମୁକ୍ତି ମର୍ଚ୍ଚାର ପ୍ରାର୍ଥୀ ଲୋକନାଥ ଜାଲ ପ୍ରମୁଖ ଉପଜିଲ୍ଲାପାଳ-ତଥା-ରିଟର୍ଣ୍ଣିଂ ଅଫିସର, ୬୯-ଟିଟିଲାଗଡ଼ ନିର୍ବାଚନୀ ମଣ୍ଡଳୀ ରେହାନ୍ ଖେତ୍ରିଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ୭୦-କଣ୍ଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ପାଇଁ ଆମ୍ବେଦକରାଇଟ୍ ପାର୍ଟି ଅଫ୍ ଇଣ୍ଡିଆ ପ୍ରାର୍ଥୀ ସୁଦାମ କଲେତ, ଓଡ଼ିଶା ଜନତା ପାର୍ଟି ପ୍ରାର୍ଥୀ ରମେଶ ଚନ୍ଦ୍ର ଦାସ, ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ପ୍ରାର୍ଥୀ ଅଭିରାମ ଧାରୁଆ ଓ ସୋହନ ସିପକା, ସୁବ୍ରତ କୁମାର ଦାସ ସ୍ୱାଧୀନ ପ୍ରାର୍ଥୀ ଭାବେ ଅତିରିକ୍ତ ଜିଲ୍ଲାପାଳ-ତଥା-ରିଟର୍ଣ୍ଣିଂ ଅଫିସର, ୭୦-କଣ୍ଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ପବିତ୍ର ବେହେରାଙ୍କ ନିକଟରେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

## ଡକାୟତି ଯୋଜନା ବେଳେ ମାଡ଼ିବସିଲା ପୁଲିସ, ୮ ଗିରଫ




**ବଲାଙ୍ଗିର, ୩।୫ (ସମିସ):** ବଲାଙ୍ଗିରରେ ଡକାୟତି ଯୋଜନା କରୁଥିବା ବେଳେ ପୁଲିସ ଚଢ଼ଉ କରି ଆଠଜଣ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିବା ସହ କୋର୍ଟ ଚାଲାଣ କରିବା ପରେ ଜେଲ୍ ପଠାଇଛି ପୁଲିସ। ବଲାଙ୍ଗିର ସହର ଉପକଣ୍ଠ ସରକାରୀ ଆଇଟିଆଇ ପଛପଟେ କିଛି ଯୁବକ ମିଶି ଡକାୟତି ଯୋଜନା କରୁଥିବା ନେଇ ସୂଚନା ମିଳିଥିଲା। ଏହି ସୂଚନା ପାଇବାପରେ ଟାଉନ ପୁଲିସର ଏକ ଟିମ୍ ପହଞ୍ଚି ଚଢ଼ଉ କରିଥିଲା। ଉକ୍ତ ଗ୍ୟାଙ୍ଗ ଯୋଜନା କରୁଥିବା ବେଳେ ପୁଲିସ ୮ ଜଣଙ୍କୁ ଆଣି ପଚରା ଉଚୁରା କରିବା ପରେ ଡକାୟତି ଯୋଜନା ସ୍ପଷ୍ଟ ହୋଇଥିଲା। ଉକ୍ତ ଆଠ ଜଣ ଯୁବକଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ଯୁବକ ମାନେ ହେଲେ ମାଲଗୋଦାମ ପଡ଼ାର ସୁନିଲ ନାଗ, ରଜେନ୍ଦ୍ରପଡ଼ାର ଧନେଶ୍ୱର ମେହେର, ଆଦର୍ଷପଡ଼ାର ଶୁଭଙ୍କର ପରମଗୁରୁ, ଆନନ୍ଦ ନଗରର ଘନଶ୍ୟାମ ନାଗ, ଆଦର୍ଶ ପଡ଼ାର ମଣ୍ଟୁ ତ୍ରିପାଠୀ, ତଳପାଳିପଡ଼ାର ସୌମେନ୍ଦ୍ର ପାଲ, ରାଜୀବନଗରର ଅମିତ୍ ଭୋଇ ଓ ସହଦେବ ବାଗ ବୋଲି ପୁଲିସ ସୂଚନା ଦେଇଛି।

## ମିଶ୍ରଣ ପର୍ବ ବିଜେଡିରେ ମିଶିଲେ ଶତାଧିକ ମହିଳା ଓ ଯୁବକ

**ବଲାଙ୍ଗିର, ୩।୫(ସମିସ):** ଶହ ଶହ ମହିଳା, ଯୁବକ ଶୁକ୍ରବାର ବଲାଙ୍ଗିର ବିଜେଡ଼ିରେ ସାମିଲ ହୋଇଛନ୍ତି। ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସ୍‌ରେ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡିର ଆକାଶ ସାଗର ଓ ଈଶ୍ୱର ନନ୍ଦଙ୍କ ନେତୃତ୍ୱରେ ୱାର୍ଡ ୧୭ ମାଲଗୋଦାମପଡ଼ା ଓ ୱାର୍ଡ ୯ ର ବେହେରା ପାଲିର ଶହଶହ ମହିଳା ଯୁବକ ଓ ଛାତ୍ର ନେତା ବିଜେଡିରେ ମିଶିଛନ୍ତି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ବିଜେଡିରେ ସାମିଲ୍ ହୋଇଥିବା ମତବ୍ୟକ୍ତ କରିଛନ୍ତି। ନୂତନ ଭାବେ ବିଜେଡିରେ ଯୋଗଦାନ କରିଥିବା ସଦସ୍ୟମାନେ ଆହୁରି କହିଛନ୍ତି ଯେ, ବିଜେଡି ତୃଣମୂଳସ୍ତରରେ ବିକାଶକୁ ଗୁରୁତ୍ୱ ଦେବା ସହ ଓଡ଼ିଶାବାସୀଙ୍କୁ ସମସ୍ତ ଦିଗରେ ସମୃଦ୍ଧ କରିବା ପାଇଁ କାମ କରୁଛି। କଳିକେଶ ସିଂହଦେଓଙ୍କ ବିଜେଡିର ଏଭଳି ଜନହିତକର ଓ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ କଳିକେଶଙ୍କ ହାତ ମୁଠାକୁ ଟାଣ କରିବା ସହିତ ଆଗାମୀ ଦିନରେ ବିଜେଡିକୁ ଆହୁରି ବଳିଷ୍ଠ କରିବା ପାଇଁ ସମସ୍ତେ ବିଜେଡିକୁ ଜିତାଇବା ପାଇଁ ସଂକଳ୍ପ ନେଇଥିଲେ। ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହ ଦେଓ ସମସ୍ତ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ ଜଣାଇଛନ୍ତି। ଏହି ଅବସରରେ ବରିଷ୍ଠ ବିଜେଡି ନେତା ପାଣ୍ଡବ କୁମ୍ଭାର ଓ ମନୋଜ ଦୀପ ଉପସ୍ଥିତ ଥିଲେ।



## ଦେଶୀ ମଦ ଜବତ, ୨ ଗିରଫ

**ତୁଷୁରା, ୩।୫ (ସମିସ):** ତୁଷୁରା ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଦିନ ୨ ଟି ସ୍ଥାନରୁ ୯୫ ଲିଟର ବେଆଇନ ଦେଶି ମଦ ଜବତ କରିଛି। କୁବେର ରଣା (୩୫) ୫୨ ଲିଟର ଦେଶି ମଦ ଧରି ଚିଞ୍ଚେଡ ପଞ୍ଚାୟତ ର ମାଧିଆପାଲି ଛକଠାରେ ବାଇକ ରେ ଯାଉଥିବା ବେଳେ ତୁଷୁରା ଅବକାରୀ ବିଭାଗ ଧରିଥିବା ବେଳେ ଅନ୍ୟ ଜଣେ ହେଉଛି ରିତୁରାଜ ରଣା (୨୭) ବାଇକ ରେ ଯାଉଥିବା ବେଳେ ଘୁରଖାପଲା ଠାରେ ୪୩ ଲିଟର ମଦ ସହିତ ଧରାପଡ଼ିଛି। ଉଭୟ ହେଉଛନ୍ତି ସୋନପୁର ଜିଲ୍ଲାର। ୨ ଜଣଙ୍କ ଠାରୁ ୯୫ ଲିଟର ମଦ ସହିତ ୨ ଟି ବାଇକ ଜବତ କରି ୨ ଜଣଙ୍କୁ କୋଟ ଚାଲାଣ କରାଯାଇଛି ବୋଲି ତୁଷୁରା ଅବକାରୀ ଓଆଇସି ଶ୍ରୀକାନ୍ତ ପାଣିଗ୍ରାହୀ ସୂଚନା ଦେଇଛନ୍ତି।



## ଢୋଲମାନ୍ଦଲ ପଞ୍ଚାୟତରେ ବିଜେଡି ପ୍ରଚାର

ତୁରେକେଲା, ୩।୫ (ସମିସ): କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରୁ ଚଳିତ ବର୍ଷ ବିଜୁ ଜନତା ଦଳ ପକ୍ଷରୁ ବିଧାୟକ ପ୍ରାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନ ଲଢୁଥିବାରୁ ଉତ୍ସବମୁଖରେ ଗାଁ ଠୁ ସହର। ଶୁକ୍ରବାର ତୁରେକେଲା ବ୍ଲକ ଅଧୀନ ଢୋଲମାନ୍ଦଲ ପଞ୍ଚାୟତରେ ବଲାଙ୍ଗିର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଉପାଧକ୍ଷା ତଥା ବିଜେଡି ନେତ୍ରୀ ନିରୁପମା ମାଝୀ ପ୍ରଚାର ମୌଦାନକୁ ଜୋରଦାର କରିଛନ୍ତି। କଣ୍ଟାବାଞ୍ଜି ବିଧାନସଭା ପ୍ରାର୍ଥୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଲୋକସଭା ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇଙ୍କୁ ବହୁସଂଖ୍ୟାରେ ଭୋଟ ଦେଇ ବିଜୟ କରିବାକୁ ଘରକୁ ଘର ଯାଇ ନିବେଦନ କରିବାସହ ରାଜ୍ୟ ସରକାରଙ୍କ ଯୋଜନା ବିଷୟରେ ବୁଝାଇଥିଲେ। ଏହି ପ୍ରଚାର ସମୟରେ ବିଜେଡି ପକ୍ଷରୁ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର କୋଡିନେଟର ଦୁର୍ଗା ପ୍ରସାଦ ସାମନତରାୟ, କୃଷ୍ଣଚନ୍ଦ୍ର ନାୟକ, ଯୁବ ବିଜେଡି ନେତା ଗିରିରାଜ ସିଂହ ମାଝୀ, ତୁରେକେଲା ବ୍ଲକ ବିଜେଡି ସଭାପତି ଆଶାଦୁଲା ଖାଁ, ବିଜେଡି ମହିଳା ନେତ୍ରୀ ପିଙ୍କି ଖର୍ସେଲ, ବିଜେଡି ନେତା ଶ୍ରୀଧର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଟିଟିଲାଗଡ଼ ମ୍ୟୁନିସିପାଲିଟିରେ ବିଜେଡିର ପ୍ରଚାର



**ଟିଟିଲାଗଡ଼, ୩।୫(ସମିସ):** ଟିଟିଲାଗଡ଼ ୧ ନମ୍ବର ୱାର୍ଡ ମଦନଜାଲ ଛକରୁ ଶତାଧିକ ମହିଳା ଓ ଯୁବକ ବିଜେଡି ପାଇଁ ପ୍ରଚାର କରିଛନ୍ତି। ଘରକୁ ଘର ବୋଲି ସରକାରଙ୍କର ଜନହିତକର କାର୍ଯ୍ୟ ବିଷୟରେ ବୁଝାଇବା ସହ ଜନସମ୍ପର୍କ ଆରମ୍ଭ କରିଛନ୍ତି। ଲୋକଙ୍କୁ ପୁଣି ଥରେ ଯୋଡି ଶଙ୍ଖରେ ଭୋଟ ଦେଇ ବିଜେଡିକୁ ବିଜୟୀ କରିବାକୁ କହିଥିଲେ। ଏଥିରେ ପୁଷ୍ପମଞ୍ଜରି ଜାଲ, ଅଞ୍ଜନା ବର୍ମା, ଉମଦେବି ଅଗ୍ରୱାଲ, ସନ୍ତିଷୋନୀ ଶୁଣାଣି, ସୌଦାମିନୀ ଜେନା, ମନ୍ଟୁ ନାୟକ, କର୍ପୁଲ ଜାଲ, ଜ୍ଞାନରଞ୍ଜନ ସରାଫ, ଅରୁଣ ମିଶ୍ର, ନବୀନ ସାହୁ, ଯୌରାଇ ସାହୁ, ଗୋବର୍ଦ୍ଧନ ନାଗ ପ୍ରମୁଖ ଉପସ୍ଥିତ ଥିଲେ।

### ପୁଣି ଅଲୋଡ଼ା ଶିଶୁକନ୍ୟା

## ପଲିଥିନ ବ୍ୟାଗରୁ ମିଳିଲା, ଡାକ୍ତରଖାନାରେ ଭର୍ତ୍ତି

**ବଲାଙ୍ଗିର, ୩।୫(ସମିସ)**

ବଲାଙ୍ଗିରରେ ପୁଣି ଅଲୋଡ଼ା ହେଲା ଶିଶୁ କନ୍ୟା। ସଦର ଥାନା ଅଧୀନ ଖର୍ଲିକାନି ଗାଁ ନିକଟରୁ ରାସ୍ତାକଡ଼ରୁ ଏକ ପଲିଥିନ ବ୍ୟାଗରୁ ଏକ ଶିଶୁ କନ୍ୟା ଉଦ୍ଧାର ହୋଇଥିବାବେଳେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ହେପାଜତରେ ବର୍ତ୍ତମାନ ଶିଶୁଟି ରହିଛି। ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଏହି ଶିଶୁକନ୍ୟାର ଚିକିତ୍ସା ଚାଲିଥିବା ଜଣାପଡ଼ିଛି।

ବଲାଙ୍ଗିର ସଦର ଥାନା ଖର୍ଲିକାନି ଗାଁ ନିକଟସ୍ଥ ରାସ୍ତାକଡ଼ରେ ପଡ଼ିଥିବା ଏକ ପଲିଥିନ ବ୍ୟାଗ୍ ଭିତରୁ ଶିଶୁଟିର କାନ୍ଦ ଶୁଣିବାକୁ ମିଳିଥିଲା। ଯାହାକି ସମସ୍ତଙ୍କୁ ଚକିତ କରିଥିଲା। ଶିଶୁଟିର କାନ୍ଦ ସହି ନ ପାରି କିଛି ଲୋକ ଏହି ବ୍ୟାଗ ଖୋଲିଥିଲେ। ବ୍ୟାଗରେ ଏକ ଶିଶୁ କନ୍ୟା ଥିବା ଦେଖିବାକୁ ପାଇବା ପରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇପଡ଼ିଥିଲେ। ପରେ ସ୍ଥାନୀୟଲୋକେ ଏହି ଶିଶୁ କନ୍ୟାକୁ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ଉଦ୍ଧାର ଶିଶୁକନ୍ୟାକୁ ଏସ୍‌ଏନ୍‌ସିୟୁରେ ରଖି ସ୍ୱତନ୍ତ୍ର ଯତ୍ନ ନିଆଯାଉଥିବା ବେଳେ ଘଟଣା ବିଷୟରେ ସୂଚନାପାଇ ସଦର ପୁଲିସ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



# ଲୋକଙ୍କ ସମସ୍ୟା ବୁଝୁଛନ୍ତି ଢୋଲକିଆ



**ନୂଆପଡ଼ା, ୩।୫(ସମିସ):** ନୂଆପଡ଼ା ବିଧାନସଭା ଆସନରେ ଏଥର ନିର୍ବାଚନ ଲଢୁଥିବା ବିଜେଡି ବିଧାୟକ ପ୍ରାର୍ଥୀ ରାଜେନ୍ଦ୍ର ଢୋଲକିଆ ମାରାଥନ ପ୍ରଚାର ଚଳାଇଛନ୍ତି। ଶୁକ୍ରବାର ସେ କୋମନା ବ୍ଲକର କୁରେଶ୍ୱର ଏବଂ ବୁଦ୍ଧିକୋମନା ପଞ୍ଚାୟତର ପଣ୍ଡରା ପଥର, ଧୂମାଭଟା, ବୁଦ୍ଧିକୋମନା, ଜଲମ କଟା, ଦୋହେଲାପଡ଼ା, ଚୌକପଡ଼ା ଆଦି ୨୦ଟି ଗାଁରେ ପ୍ରଚାର କରିଥିଲେ। ପ୍ରତି ଗାଁ, ପଡ଼ାରେ ଲୋକେ ତାଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରିଥିଲେ। ଶ୍ରୀ ଢୋଲକିଆ ଲୋକଙ୍କ ସହ ମିଶିବା ସହ ସେମାନଙ୍କ ଦୁଃଖ ସୁଖ ପଚାରି ବୁଝିଥିଲେ।

### ମନମୁଣ୍ଡାରେ ବିଜେଡି କର୍ମୀ ସମ୍ମିଳନୀ

# କର୍ମୀଙ୍କୁ ଗୁରୁମନ୍ତ୍ର ଦେଲେ ପ୍ରଣବ

**ମନମୁଣ୍ଡା, ୩।୫(ସମିସ)**

କନ୍ଧମାଳ ନିର୍ବାଚନ ମଣ୍ଡଳୀ ମନମୁଣ୍ଡା ବିଜୁ ଜନତା ଦଳ କାର୍ଯ୍ୟାଳୟରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେଡି ରାଜ୍ୟ ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଯୋଗ ଦେଇ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଚଳିତ ନିର୍ବାଚନରେ କନ୍ଧମାଳ ବିଜେଡି ବିଧାୟକ ପ୍ରାର୍ଥୀ ମହିଧର ରଣା ଏବଂ କନ୍ଧମାଳ ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ କେମିତି ବିଜୟୀ ହେବେ ସେ ଉପରେ ଆଲୋଚନା ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରେ କ'ଣ ସବୁ ଅସୁବିଧା ରହିଛି ସେ ଉପରେ ପ୍ରଣବ ପଚାରି ବୁଝିଥିଲେ ଏବଂ ବିଜୟର ଗୁରୁମନ୍ତ୍ର ଦେଇଥିଲେ। ଯୋଡ଼ି ଶଙ୍ଖର ବିଜୟ ଓ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ ଆସନରେ ଆସିନ କରିବା ପାଇଁ ସମସ୍ତ କର୍ମୀ ଆପ୍ରାଣ ଉଦ୍ୟମ କରିବାକୁ ପ୍ରଣବ ନିବେଦନ କରିଥିଲେ।




କନ୍ଧମାଳ ବିଧାୟକ ପ୍ରାର୍ଥୀ ମହିଧର ରଣା, ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲ୍ଲା ପରିଷଦ ଉପ ସଭାପତି ଶଙ୍କର୍ଷଣ ପ୍ରଧାନ, ବୌଦ୍ଧ ଜିଲ୍ଲା ପର୍ଯ୍ୟବେକ୍ଷକ ଅମରେଶ ଜେନା, ସୁବୋଧ ପ୍ରଧାନ, ବାବୁଲା ମଲ୍ଲିକ, କନ୍ଧମାଳ ସଂଯୋଜକ ଅଂଶୁ ତ୍ରିପାଠୀ, ପ୍ରିୟଦର୍ଶିନୀ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହିଧର ରଣା, ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେର, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନ୍ୟ ଦଳରୁ ବହୁ ସଂଖ୍ୟକ ନେତା ଓ କର୍ମୀ ବିଜେଡିରେ ଯୋଗ ଦେଇଥିଲେ।

### ତିନିବର୍ଷ ପୂରଣ କରିଛି 'ଉତ୍ତିଷ୍ଠତ'

## ଜୀବନ ବଞ୍ଚିବାର କଳା ଅବଧୂତ ତତ୍ତ୍ୱ

**ଭବାନୀପାଟଣା, ୩।୫(ସମିସ):** ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ପ୍ରେରଣାଦାୟୀ ନିରବଚ୍ଛିନ୍ନ ବକ୍ତୃତାମାଳା ଉତ୍ତିଷ୍ଠତର ୧୫୬ତମ ଅଧ୍ୟାୟରେ ପୂରଣ ହୋଇଛି ତିନିବର୍ଷ। ନିରବଚ୍ଛିନ୍ନ ଭାବେ ତିନିବର୍ଷରେ ୧୫୬ ଅଧ୍ୟାୟ ସଫଳତା ସହ ସମ୍ପନ୍ନ ହୋଇଥିବାରୁ ସମସ୍ତଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି ବିଶ୍ୱବିଦ୍ୟାଳୟ କୁଳପତି କର୍ଣ୍ଣେଲ ପ୍ରଫେସର ସଞ୍ଜୟ କୁମାର ଶତପଥୀ। ଶୁକ୍ରବାର କୁଳପତିଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ବକ୍ତୃତାମାଳାରେ ଓଡ଼ିଆ ବିଭାଗ ମୁଖ୍ୟ ପ୍ରଫେସର ପଲ୍ଲିଶ୍ରୀ ପଟ୍ଟନାୟକ ଉପସ୍ଥାପନ କରିଥିଲେ ଅବଧୂତଙ୍କ ଚବିଶ ଗୁରୁ ପ୍ରସଙ୍ଗ ବା ଅବଧୂତ ତତ୍ତ୍ୱ ଯାହା ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ଆଧ୍ୟାତ୍ମିକତାର ଭାବାବେଗ ସୃଷ୍ଟି କରିଥିଲା। ମେଜର ଡ. ଜୟଦେବ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଆଭାସୀ ବକ୍ତୃତାମାଳାରେ କୁଳସଚିବ ପୀତାମ୍ବର ଭୋଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଲିପ୍ସା ମହାରଣା ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଅଧ୍ୟାପିକା ପ୍ରତ୍ୟୁଷା ଧଳ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବ୍ରତ ମାଝୀ ଧନ୍ୟବାଦ ଅର୍ପଣ ଓ ଓଡ଼ିଆ ବିଭାଗ ଅଧ୍ୟାପକ ବାଲ୍ମୀକି କରୁଆଁ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ବୁଦ୍ଧିଜୀବୀ, ପ୍ରଫେସର, ସହ ପ୍ରଫେସର, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ଦୁଇ ବାଇକ୍ ଧକ୍କା; ଦୁଇ ଚାଳକ ଗୁରୁତର

**ମନମୁଣ୍ଡା, ୩।୫(ସମିସ):** ମନମୁଣ୍ଡା ସୁପର ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଦୁଇ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଦ୍ୱୟ ହେଲେ ମନମୁଣ୍ଡା ଥାନା ଖଣ୍ଡିକନପାର ପ୍ରଦୀପ ମାହାର ଏବଂ ନରସିଂହପୁର ଗ୍ରାମର ପ୍ରକାଶ ସିଂ ବାଇକ୍ ଦୁଇଟି ଭାଙ୍ଗି ଚୁରମାର ହୋଇ ଯାଇଛି। ଖବର ପାଇ ଆମ୍ବୁଲାନ୍ସ ଉଭୟଙ୍କୁ ମନମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛି। ମନମୁଣ୍ଡା ପୁଲିସ ବାଇକ୍ ଦୁଇଟିକୁ ଜବତ କରିଛି।

# ସମସ୍ତଙ୍କୁ ଏକାଠି କଲେ ପଦ୍ମନାଭ



**ସୋନପୁର, ୩।୫ (ସମିସ):** ବୀରମହାରାଜପୁର ନିର୍ବାଚନ ମଣ୍ଡଳି ପାଇଁ ବିଜେଡି ପକ୍ଷରୁ ପ୍ରାର୍ଥୀ ହୋଇଥିବା ପଦ୍ମନାଭ ବେହେରା ଶକ୍ତି ପ୍ରଦର୍ଶନ କରିଛନ୍ତି। ତେବେ ଦଳର ସମସ୍ତ ନେତାଙ୍କୁ ଶୋଭାଯାତ୍ରାରେ ଏକାଠି କରି ବିଜେଡି ଏକ ବୋଲି ସମସ୍ତଙ୍କୁ ବାର୍ତ୍ତା ଦେବା ପାଇଁ ପଦ୍ମନାଭ ପ୍ରୟାସ କରିଛନ୍ତି। ବୀରମହାରାଜପୁର ଚମ୍ପାପୁର ଛକରୁ ଉପଜିଲ୍ଲାପାଳ ଅଫିସ୍ ଯାଏଁ ପଦ୍ମନାଭଙ୍କ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୁଲ୍‌ଦୁଲିରେ ଦୁଲୁକି ଉଠିଥିଲା ବୀରମହାରାଜପୁର। ୧୦ ହଜାରରୁ ଅଧିକ ନେତା ଓ କର୍ମୀ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ତେବେ ବୀରମହାରାଜପୁର ବିଧାନସଭା କ୍ଷେତ୍ରର ସମସ୍ତ ବିଜେଡି ନେତା ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପଦ୍ମନାଭଙ୍କ ସହ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜିଲ୍ଲା ଯୁବ ବିଜେଡି ସଭାପତି ଅଶୋକ ନନ୍ଦ, ବିନିକା ଏନ୍‌ଏସି ଅଧ୍ୟକ୍ଷ ସୁବାସ ଭୁଏ, ପ୍ରମୁଖ ସୁସଜ୍ଜିତ ଗାଡିରେ ଛିଡା ହୋଇଥିଲେ।

# କଂଗ୍ରେସ, ବିଜେପି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ବୀରମହାରାଜପୁର, ୩।୫ (ସମିସ):** ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ଲାଗି କଂଗ୍ରେସ ତରଫରୁ ପ୍ରଦୀପ ସେଠି ଏବଂ ବିଜେପି ପକ୍ଷରୁ ଇଂଜିନିୟର ରଘୁନାଥ ଜଗଦଲା ନମାନଙ୍କ ପତ୍ର ଦାଖଲ କରଛନ୍ତି। ଉଭୟ ନିଜ ନିଜ ସମର୍ଥକଙ୍କୁ ଧରି ଏକ ଶୋଭାଯାତ୍ରାରେ ଆସି ବୀରମହାରାଜପୁର ଉପଜିଲ୍ଲାପାଳଙ୍କ ଅଫିସରେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନ ପତ୍ର ଦାଖଲ ସମୟରେ କଂଗ୍ରେସ ପକ୍ଷରୁ ବଲାଙ୍ଗୀର ଲୋକସଭା ପ୍ରାର୍ଥୀ ମନୋଜ ମିଶ୍ର, ଜିଲ୍ଲା





ପରିଷଦ ସଦସ୍ୟ ଲବ ସାହୁ, ବସନ୍ତ ମହାକୁରଙ୍କ ସମେତ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ବିଜେପି ପକ୍ଷରୁ ନାମାଙ୍କନ ପତ୍ର ଦାଖଲରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଉଷା କୁମାରୀ, ବେଣୁଧର ଦାଶ, ନଳିନୀ ପଣ୍ଡା, ପୂର୍ବତନ ବିଜେପି ଜିଲ୍ଲା ସଭାପତି ବିଜୟ ମହାକୁର, ଅଶୋକ ପୃଷ୍ଟି, ସତ୍ୟବ୍ରତ ମିଶ୍ର, ବିଶ୍ୱମ୍ବର ମିଶ୍ର, ସୌଦାମିନୀ ଜାଲ, ରୋହିଣୀ ଡାଙ୍ଗ ପ୍ରମୁଖ ସାମିଲ ହୋଇଥିଲେ।

# ଉପଦେଷ୍ଟା ମଣ୍ଡଳୀ ବୈଠକ

**ଭବାନୀପାଟଣା, ୩।୫ (ସମିସ):** ଭୁବନେଶ୍ୱର ଓୟୁଏଟି ଦ୍ୱାରା ପରିଚାଳିତ ସ୍ଥାନୀୟ ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସମ୍ପ୍ରସାରଣ କେନ୍ଦ୍ରଠାରେ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆର୍‌ଆର୍‌ଟିଟିଏସ୍‌ର ଭାରପ୍ରାପ୍ତ ସହ ନିର୍ଦ୍ଦେଶକ ଡ. ଭବାନୀ ଶଙ୍କର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓୟୁଏଟିର ସହକାରୀ ପ୍ରଫେସର ଡ.ମହାମାୟା ପ୍ରସାଦ ନାୟକ ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଅମିତାଭ ପଣ୍ଡା, ନୂଆପଡ଼ା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ତଥା କେନ୍ଦ୍ର ମୁଖ୍ୟ ଡ. ଶାଶ୍ୱତୀ ପଟ୍ଟନାୟକ, ପ୍ରଭାକର ନାୟକ, ପ୍ରମୋଦ କୁମାର ବେହେରା ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ଭବାନୀପାଟଣା କୃଷି ମହାବିଦ୍ୟାଳୟର ବିଭିନ୍ନ ବିଭାଗର ସହକାରୀ ପ୍ରଫେସର, କଳାହାଣ୍ଡି କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ, ଆର୍‌ଆର୍‌ଟିଟିଏସ୍, କଳାହାଣ୍ଡିର ବୈଜ୍ଞାନିକ, ବିହନ କର୍ପୋରେସନ ଅଧିକାରୀ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବୈଠକରେ ୨୦୨୩-୨୪ ବର୍ଷର ରିସର୍ଚ୍ଚ କାର୍ଯ୍ୟକ୍ରମର ଗବେଷଣା ଓ ସମ୍ପ୍ରସାରଣର କାର୍ଯ୍ୟାବଳୀ ସମ୍ପର୍କରେ ବିଶଦ୍ ଆଲୋଚନା ହୋଇଥିଲା। ୨୦୨୪-୨୫ ବର୍ଷର କାର୍ଯ୍ୟକ୍ରମ ନିମନ୍ତେ ଖସଡ଼ା ପ୍ରସ୍ତୁତି ସହ ଏହାର ସଫଳତା ନିମନ୍ତେ ଆଲୋଚନା କରାଯାଇଥିଲା। ଶେଷରେ ଆରଆରଟିଟିଏସ୍‌ର ବୈଜ୍ଞାନିକ ଡା.ପରାଗ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।



# କାର୍ ଏବଂ ବାଇକ୍‌ରୁ ଟଙ୍କା ଜବତ

**ନୂଆପଡ଼ା/ଖଡ଼ିଆଳ, ୩।୫ (ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ପୁଲିସ ଶୁକ୍ରବାର ସନ୍ଧ୍ୟାରେ ପଡୋଶୀ ବଲାଙ୍ଗୀର ଜିଲ୍ଲା ସୀମାନ୍ତରେ ଗାଡି ମୋଟର ଯାଞ୍ଚ ବେଳେ ଅମଲାପାଲି ଛକ ନିକଟରେ ଗୋଟିଏ କାର୍ ଏବଂ ବାଇକ୍‌ରୁ ୨ଲକ୍ଷ ୨୬ହଜାର ୫ଶହ ଟଙ୍କା ଜବତ କରିଛି। ବଲାଙ୍ଗୀର ଜିଲ୍ଲା ଲାଠୋରର ଅଖିଳ ଅଗ୍ରୱାଲଙ୍କ କାରରୁ ୯୫ ହଜାର ୫୦୦ ଟଙ୍କା ଏବଂ ଖଡ଼ିଆଳର ପ୍ରିୟବ୍ରତ ଭୋଇଙ୍କ ବାଇକ୍‌ରୁ ୧ ଲକ୍ଷ ୩୧ ହଜାର ଟଙ୍କା ଜବତ କରାଯାଇଛି। ଏମାନେ ଆବଶ୍ୟକ କାଗଜତ ଦେଖାଇ ପାରି ନ ଥିବାବେଳେ ଏହାର ଆବଶ୍ୟକ ତଦନ୍ତ କରାଯାଉଛି।



# କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବିଜେପି, କଂଗ୍ରେସ ନେତା ଓ କର୍ମୀ ବିଜେଡିରେ ମିଶିଲେ

**ଭୁବନେଶ୍ୱର, ୩।୫(ସମିସ)**

ବଲାଙ୍ଗୀର ଜିଲ୍ଲା ଅନ୍ତର୍ଗତ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀର ବହୁ କଂଗ୍ରେସ ଓ ବିଜେପି କର୍ମକର୍ତ୍ତା, ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ବିଜେଡି ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ଦାସଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଆଜି ବିଜେପି ଓ କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଦାସ କହିଥିଲେ। ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା କଂଗ୍ରେସ ଓ ବିଜେପି କର୍ମୀମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ସରପଞ୍ଚ ସୁରେଶ ବେହେରା, ଲକ୍ଷ୍ମୀ ବାଗ, ସଞ୍ଜୀବ ଚୁରା, ଗୁରୁବାରୁ ବାଚ, ନିତ୍ୟ ପୁରୁସେଠ, ସଦାନନ୍ଦ ତାଣ୍ଡି, ଲମ୍ବୋଧର ବେହେରା, ନଟବର ସୁନା, ଉମାଶଙ୍କର ସାହୁ, ଦେବ ସିଂ ବେହେରା, ପ୍ରଦୀପ ଜାଲ, ବନୁ ବାଗ, ସୁଶୀଲ ଶତପଥୀ, ମେଳା ଗୁରୁ, ସଞ୍ଜୟ ପଟେଲ, ଗୋପାଳ ବେହେରା, ଚୈତନ୍ୟ ବେହେରା, ପଙ୍କଜ ବେହେରା, ଉଧବ ବେହେରା, ପିଲାବାବୁ ହଂସ, କିଶୋର ଜାଲ, ଭୋଦେବ ବେହେରା, ଜିତେନ ବଟା, କୈଳାସ ବେହେରା, ଦିଲ୍ଲୀପ ଜାଲ, ଜିତେନ୍ଦ୍ର ରଣା, ଦୀପକ ଛୁରା, ଗୋବିନ୍ଦ ପଟେଲ, ବିଶ୍ୱନାଥ ପଟେଲ, ଦିନା ବାରିକ, କୃଷ୍ଣ ବାଗ ଓ ଯୁବରାଜ ବାଗଙ୍କ ସହ ଶତାଧିକ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।




# ମିଶ୍ରଣ ପର୍ବ: ବିଭିନ୍ନ ଦଳର ଶତାଧିକ କର୍ମୀଙ୍କ ବିଜେଡିରେ ଯୋଗଦାନ



**ବରଗଡ଼, ୩।୫(ସମିସ):** ବରଗଡ଼ ସହରରେ ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ମିଶ୍ରଣ ପର୍ବରେ ବରଗଡ଼ ୱାର୍ଡ ନମ୍ବର ୬ ର ମୁକେଶ ପୋଦ୍ଦାର, ୱାର୍ଡ ନମ୍ବର ୧୧ର ସୁନିଲ ଅଗ୍ରୱାଲ, ୱାର୍ଡ ନମ୍ବର ୧୭ର ସଞ୍ଜୀବ ସାହୁ, ୱାର୍ଡ ନମ୍ବର ୧୧ ର ଦୀପକ ଆହୁଜା, ୱାର୍ଡ ନମ୍ବର ୫ ର ରାଜକୁମାର ଗୁପ୍ତା ପ୍ରମୁଖ ନିଜର ଶତାଧିକ ସମର୍ଥକଙ୍କ ସହିତ ବିଜେଡିରେ ଯୋଗ ଦେଇଛନ୍ତି। ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବା ଉଲ୍ଲେଖ କରିଥିଲେ। ଏଥିସହିତ ଆଗାମୀ ଦିନରେ ବିଜେଡିର ଶୃଙ୍ଖଳିତ କର୍ମୀ ଭାବେ କାର୍ଯ୍ୟ କାରିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଅବସରରେ ବିଧାୟକ ଦେବେଶ ଆଚାର୍ଯ୍ୟ, ୱାର୍ଡ ନମ୍ବର ୬ ର କାଉନସିଲର ଜନକ ଅଗ୍ରୱାଲ, ସକ୍ରିୟ ବିଜେଡି କର୍ମୀ ଦୀନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀ ଦଳିଦେଲେ ୩ ଏକର ଧାନ



**ମନମୁଣ୍ଡା, ୩।୫(ସମିସ):** ମନମୁଣ୍ଡା ରେଞ୍ଜ ଅଧୀନ ଶଗଡ଼ା ସେକ୍ସନର ରୁଗୁଡ଼ିକନପା ଗ୍ରାମରେ ଗୁରୁବାର ରାତିରେ ହାତୀପଲ ପ୍ରାୟ ୩ ଏକର ପରିମିତ ଜମିର ଧାନ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହରିହର ଛନ୍ଦଙ୍କ ୨ ଏକର ଏବଂ ସୁଶାନ୍ତ ଛନ୍ଦଙ୍କ ପ୍ରାୟ ୧ ଏକର ପରିମିତ ଧାନ ହାତୀପଲ ଖାଇବା ସହ ମାଡ଼ି, ଦଳି ନଷ୍ଟ କରିଦେଇଛନ୍ତି। ଶଗଡ଼ା ବନପାଳ ପ୍ରଶାନ୍ତ ପ୍ରଧାନ, ଗୁଦ୍ଦୁଲିଆ ବନପାଳ ଦେବକାନ୍ତ ବେହେରା, ବନରକ୍ଷୀ ଫତିମା ବିବି, ଭକ୍ତ ମଲ୍ଲିକ ପ୍ରମୁଖ ଗ୍ରାମବାସୀଙ୍କ ସହାୟତାରେ ଟର୍ଚ୍ଚ ଲାଇଟ୍, ନିଆଁ ହୁଳା ଧରି ହାତୀପଲକୁ ଗୁଦ୍ଦୁଲିଆ ସେକ୍ସନ ଗୋପୀଗାଁ ନିକଟ ବାହାବଲଖୋଲ ସଂରକ୍ଷିତକୁ ଘଉଡାଇଛନ୍ତି। ହାତୀପଲରେ ୨ଟି ଅଣ୍ଡିରା, ୬ଟି ମାଈ ଏବଂ ୩ଟି ଛୁଆ ହାତୀ ଅଛନ୍ତି।

# ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ



**ବୌଦ୍ଧ, ୩।୫(ସମିସ):** ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଘର ହିଁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଥମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ପରିବାର ପ୍ରଶିକ୍ଷଣ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ରାଜକୁମାର ପ୍ରଧାନ ପ୍ରଦୀପ ପଜ୍ୱଳନ ପୂର୍ବକ ଶୁଭାରମ୍ଭ ହୋଇଥିଲେ। ବିଦ୍ୟାଳୟର ସମ୍ପାଦକ ସାର ପ୍ରଧାନଙ୍କ ତତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ପରିଡ଼ା ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ପୂର୍ବତନ ଆଚାର୍ଯ୍ୟ ଗୋପାଳ ଅମାତ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଭାଷାଜ୍ଞାନ ଓ ଅଙ୍କ ଜ୍ଞାନ ଉପରେ ଏକ କାଳାଂଶ ନେଇଥିଲେ। ଏହି ପ୍ରଶିକ୍ଷଣରେ ୫୦ରୁ ଅଧିକ ଅଭିଭାବକ ଓ ଅଭିଭାବିକା ଯୋଗ ଦେଇଥିବା ବେଳେ ଶିଶୁମାନଙ୍କ ପ୍ରରମ୍ଭିକ ସ୍ତରରେ ଭାଷାଜ୍ଞାନ ଓ ଅଙ୍କଜ୍ଞାନ ଶିକ୍ଷଣ ପାଇଁ ପରିବାରର ଭୂମିକା ଉପରେ ଆଲୋଚନା ହୋଇଥିଲା।

# ଡିମିରିମୁଣ୍ଡାରେ ଅଷ୍ଟପ୍ରହର ନାମଯଜ୍ଞ



**ଶଗଡ଼ା, ୩।୫(ସମିସ):** କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଞ୍ଚାୟତ ଡିମିରିମୁଣ୍ଡା ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ପୁରୁଷ ଓ ମହିଳା ସାମିଲ ହୋଇଥିଲେ। ପୂଜକ ଭାବେ ଶିବ ନାରାୟଣ ଦାସ ପୂଜା କାର୍ଯ୍ୟ ନିର୍ବାହ କରିଥିବା ବେଳେ କର୍ତ୍ତା ଭାବେ ଅଚ୍ୟୁତ ପ୍ରଧାନ ସପତ୍ନୀକ ସହଯୋଗ କରିଥିଲେ। କମ୍ବୁପାଣି ସାଣ୍ଡ, ମୁକ୍ତେଶ୍ୱର ପ୍ରଧାନ, ପ୍ରଫୁଲ୍ଲ ମେଣ୍ଡିଲୀ, ଗୋପାଳ ପ୍ରଧାନ, ତ୍ରିଲୋଚନ ମେଣ୍ଡିଲି, ବେଣୁଧର ପ୍ରଧାନ, ରଙ୍କ ଖେତି, ବଡ଼ ସାଣ୍ଡ, ବିରଞ୍ଚି ବେହେରା, ମନୋରଞ୍ଜନ ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

# ସାହାଜପାଲରେ ୧୫ ଦିନ ହେଲା ଏସ୍‌ବିଆଇ ଏଟିଏମ୍ ଅଚଳ

**ବାଉଁଶୁଣି, ୩।୫(ସମିସ):** ବୌଦ୍ଧ ବ୍ଲକ ତାଳସରଡା ପଞ୍ଚାୟତ ସାହାଜପାଲରେ ଏସବିଆଇ ଏଟିଏମ୍ ୧୫ ଦିନରୁ ଅଧିକ ହେବ ଅଚଳ ହୋଇପଡ଼ିଛି। ଏଥିଯୋଗୁଁ ଟଙ୍କା ଉଠାଇବାକୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଏହି ଛକ ଉପରେ ନିର୍ଭର କରୁଥିବା ବ୍ୟବସାୟୀ, ସରକାରୀ କର୍ମଚାରୀ, ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀ ଟଙ୍କା ଉଠାଇ ପାରୁନାହାନ୍ତି। ଟଙ୍କା ଉଠାଇବା ପାଇଁ ହେଲେ ୧୦କିମି ଦୂରରେ ଥିବା ଜହ୍ନାପଙ୍କ କିମ୍ବା ବାଉଁଶୁଣିରେ ଥିବା ଏଟିଏମ୍ ଯିବାକୁ ପଡୁଛି।

# ଜଳିଲା ଡୁମୁରିମୁଣ୍ଡା ଗ୍ରାମ୍ୟ ଜଙ୍ଗଲ

**ଶଗଡ଼ା, ୩।୫(ସମିସ):** ବୌଦ୍ଧ ଜିଲ୍ଲା ମନମୁଣ୍ଡା ରେଞ୍ଜ ଅଧୀନ ଡୁମୁରିମୁଣ୍ଡା ନିକଟସ୍ଥ ଗ୍ରାମ୍ୟ ଜଙ୍ଗଲ ଶୁକ୍ରବାର ଜଳିଯାଇଛି। ଗଛଡାଳ ସାହାଯ୍ୟରେ ଦୀର୍ଘ ସମୟ ପରିଶ୍ରମ କରି ଗ୍ରାମବାସୀ ନିଆଁକୁ ଆୟତ୍ତ କଲା ପରେ ଫରେଷ୍ଟର ଓ ନିଆଁ ଲିଭା କର୍ମଚାରୀ ପହଞ୍ଚି ଥିଲେ। ଗ୍ରାମବାସୀ ନିଆଁ ଆୟତ୍ତ କରିଥିବାରୁ ଫରେଷ୍ଟର ଧନ୍ୟବାଦ୍ ଦେଇଥିଲେ। କେହି ନିଆଁ ଲଗାଇ ଦେଇଥିବା ବନ ବିଭାଗ ଅନୁମାନ କରିଛି। ଅନେକ ଗଛ ପୋଡ଼ି ଯାଇଛି।



# ଜଙ୍ଗଲର ଶୋଭା ବଢ଼ାଉଛନ୍ତି ନବରଙ୍ଗୀ ଚଢ଼େଇ

**ସୋନପୁର, ୩।୫(ସମିସ)**

ପ୍ରବଳ ଖରା ଯୋଗୁଁ ପଦାକୁ ବାହାରିବା କଷ୍ଟକର ହୋଇ ଯାଉଥିବା ବେଳେ ପକ୍ଷୀ ପ୍ରେମୀ ଜଙ୍ଗଲକୁ ଜଙ୍ଗଲ ଘୁରି ବୁଲୁଛନ୍ତି। ଏହାର କାରଣ ସୋନପୁରର ବିଭିନ୍ନ ଜଙ୍ଗଲରେ ବାସ କରୁଥିବା ଜାତି ଜାତିର ଖରାଦିନିଆ ପକ୍ଷୀ ଏମାନଙ୍କୁ ଆକର୍ଷିତ କରୁଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଚାଲି ଆସି ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଏହି ପକ୍ଷୀ ଶୋଭା ବଢ଼ାଉଛନ୍ତି। ଇଣ୍ଡିଆନ୍ ଫ୍ଲାଇକେଚର ଭଳି ଇଣ୍ଡିଆନ ପିଟା ବା ନବରଙ୍ଗୀ ଚଢେଇଙ୍କ କାକଳି ପକ୍ଷୀ ପ୍ରେମୀଙ୍କୁ ଆନମନା କରୁଛି। ନାନା ରଙ୍ଗରେ ଭର୍ତ୍ତି ନବରଙ୍ଗୀ ପକ୍ଷୀ ଦେଖିବାକୁ ଯେମିତି ସୁନ୍ଦର ଏହାର ରାବ ମଧ୍ୟ ମନଲୋଭା।

ଗ୍ରୀଷ୍ମଶୀତ ସମସ୍ତ ଋତୁରେ ଜାତି ଜାତିର ପକ୍ଷୀ ସୁବର୍ଣ୍ଣପୁରକୁ ଆକର୍ଷିତ ହୁଅନ୍ତି। କିଏ ହାଡ ଭଙ୍ଗା ଶୀତରେ ଏ ମାଟିକୁ ଚାଲି ଆସେ ତ କାହାକୁ ଡହ ଡହ ଖରା ଭଲ ଲାଗେ। ହାଡଭଙ୍ଗା ଶୀତରେ ୭ ଦରିଆ ୧୩ ନଈ ପାରି ହୋଇ ଯେଉଁଭଳି ଭାବେ କମନ୍ ମର୍ଗାନ୍ସର ସୋନପୁରକୁ ଆସନ୍ତି ସେହିଭଳି ଖରା ବଢ଼ିଲେ କିଛି ପକ୍ଷୀ ନିଜ ଘର ବସାଇବାକୁ ଏ ମାଟି ପ୍ରତି ଆକର୍ଷିତ ହୋଇ ଯାଆନ୍ତି। ଏଠି ବସା ତିଆରି କରି ଅଣ୍ଡା ଦାନ କରନ୍ତି। ଅଣ୍ଡାରୁ ଛୁଆ ଫଟାଇଲା ପରେ ନିଜ ସ୍ଥାୟୀ ବସାକୁ ଲେଉଟି ଯାଆନ୍ତି। ଏବେ ସୋନପୁରରେ ୪୦ ଡିଗ୍ରୀରୁ ଅଧିକ ତାପମାତ୍ରା ଅନୁଭୂତ ହେଉଛି। ତେବେ ଖରା ଯେତିକି ହେଉ ନା କାହିଁକି କିଛି ଅତିଥି ପକ୍ଷୀଙ୍କ ଏ ଖରାକୁ ଖାତିର ନ ଥାଏ। ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ଜଙ୍ଗଲରେ ଏ ଡାଳରୁ ସେ ଡାଳକୁ ଉଡୁଥିବା ନ ବ ର ଙ୍ଗ ୀ ଚ ଢେ ଇ ଙ୍କୁ ଦେଖିଲେ ଖୁବ୍ ମଜା ଲାଗୁଛି। ତେବେ ଏହି ପକ୍ଷୀ ଦେଖିବା ପାଇଁ ଖୁବ୍ ସୁନ୍ଦର। ଏହାର ଡେଣା, ମୁଣ୍ଡ, ଦେହ ବିଭିନ୍ନ ରଙ୍ଗର ହୋଇ ଥାଏ। ତିଲେଇମାଲ, ଅର୍ଜୁନପୁର, ବାରପାହାଡ, ମହୁଲପାଲି, ମେଘନାଦ, ସିଣ୍ଢୋଲ ଆଦି ଜଙ୍ଗଲରେ ଏମାନେ ବସା ବାନ୍ଧିଛନ୍ତି। ଶୁଷ୍କ ଅଞ୍ଚଳରେ ବଂଶ ବିସ୍ତାର ପାଇଁ ଏମାନେ ପସନ୍ଦ କରିଥାନ୍ତି। ମାର୍ଚ୍ଚ ଶେଷ ସପ୍ତାହରେ ସୁବର୍ଣ୍ଣପୁର ଜିଲ୍ଲାକୁ ନବରଙ୍ଗୀ ପକ୍ଷୀ ଆସି ସେପ୍ଟେମ୍ବର ମାସରେ ନିଜ ସ୍ଥାୟୀ ବସାକୁ ଲେଉଟି ଯାଆନ୍ତି ବୋଲି ପକ୍ଷୀ ଗବେଷକ ଜ୍ୟୋତିରାଦିତ୍ୟ ପିନାକୀ ପଣ୍ଡା କହିଛନ୍ତି।

**ଦେଖିବାକୁ ଯେମିତି ସୁନ୍ଦର ରାବ ବି ସେମିତି ମଧୁର**



# ଜଳିଗଲା ୩ ବଖରା



**ହରଭଙ୍ଗା, ୩।୫(ସମିସ):** ହରଭଙ୍ଗା ବ୍ଲକ ଛତ୍ରଙ୍ଗ ପଞ୍ଚାୟତ ଛତ୍ରଙ୍ଗ ରହଣି ସାହିରେ ୩ ବଖରା ଘର ଜଳି ଯାଇଛି। ରାଜୀବ ବେହେରା ଓ ତାଙ୍କ ପିତା ମହେନ୍ଦ୍ର ବେହେରାଙ୍କ ୩ ବଖରା ଚାଳ ଘର ଜଳି ଯାଇଛି। ମଧ୍ୟାହ୍ନରେ ପରିବାର ଲୋକେ ଘରେ ଶୋଇଥିବା ସମୟରେ ନିଆଁ ଲାଗିଥିଲା। ତେବେ ପରିବାର ଲୋକେ ଘରୁ ବାହାରକୁ ବାହାରି ଯାଇଥିଲେ। ଘରେ ଥିବା ନଗଦ ୧୫ହଜାର ଟଙ୍କା ସହ କୁଲର, ଫ୍ରିଜ ଆଦି ସବୁ ଆସବାବ ପତ୍ର ସହ ଚାଉଳ, ଧାନ ପାଉଁଶ ହୋଇଯାଇଛି। ଗ୍ରାମବାସୀ ଅଗ୍ନିଶମ ବିଭାଗକୁ ସୂଚନା ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚିବା ବେଳକୁ ସବୁ ଜଳି ଯାଇଥିଲା।

# ‘ବୁଣାକାର ଆହୁରି ଅନେକ ସୁବିଧା ସୁଯୋଗ ପାଇବେ’

**ମନମୁଣ୍ଡା, ୩।୫(ସମିସ):** ବିଗତ ଦିନରେ ବୁଣାକାରଙ୍କୁ ଅନେକ ସହାୟତା ପ୍ରଦାନ କରାଯାଇଛି। ଆଗାମୀ ଦିନରେରେ ମଧ୍ୟ ଆହୁରି ସହଯୋଗ କରାଯିବ। ବିଜେଡି ସରକାର ପୁନର୍ବାର ଶାସନକୁ ଆସିଲେ ବୁଣାକାର ଆହୁରି ଅନେକ ସୁବିଧା ସୁଯୋଗ ପାଇବେ। ଏଥିପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି। ମନମୁଣ୍ଡା ମହାନଦୀ ଓ ତେଲନଦୀ ସଙ୍ଗମ ସ୍ଥଳ ନିକଟରେ ବୁଣାକାରଙ୍କ ଏକ ସମାବେଶରେ ଯୋଗଦେଇ ବିଜେଡି ରାଜ୍ୟ ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏହା କହିଛନ୍ତି।



ରାଜ୍ୟ ବୟନିକା ସଭାପତି ପ୍ରକାଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ବିଜେଡିର ବୌଦ୍ଧ ପର୍ଯ୍ୟବେକ୍ଷକ ଅମରେଶ ଜେନା, କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୁବୋଧ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାବେଶରେ ମନମୁଣ୍ଡା ସମେତ ଗବଜୋର, ପଥର୍ଲା, ଗୁଡଭେଲିପଦର, ବିଳାସପୁର, ଜାଳପାଲି, ତୁଣ୍ଡୁମାଲ, ବାସୁଦେବପାଲି, ଦେଉଳି, ସୁବର୍ଣ୍ଣପାଲି, ପ୍ରଭୃତି ଅନେକ ଗ୍ରାମର ପ୍ରାୟ ୬୦୦ ବୁଣାକାର ଉପସ୍ଥିତ ଥିଲେ। ମନୋଜ ଅଗ୍ରୱାଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ନିରଞ୍ଜନଙ୍କ ଆଶୀର୍ବାଦ ମାଗିଲେ ପ୍ରମୋଦ

**ସୋନପୁର, ୩।୫(ସମିସ):** ସୋନପୁର ରାଜନୀତିର ଏକ ରୋଚକ ଦୃଶ୍ୟକୁ ନେଇ ସାରା ଜିଲ୍ଲାରେ ଚର୍ଚ୍ଚା ଲାଗି ରହିଛି। ଗୁରୁବାର ବିଜେଡି ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ ଏବଂ ବିଜେପି ବିଧାୟକ ପ୍ରାର୍ଥୀ ପ୍ରମୋଦ ମହାପାତ୍ରଙ୍କ ମଧ୍ୟରେ ଭେଟଘାଟ ହୋଇଥିଲା। ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନିରଞ୍ଜନ ତାଙ୍କ ପ୍ରାର୍ଥୀ ପତ୍ର ଦାଖଲ କରୁଥିଲେ। ସାଢେ ୧୧ଟାରେ ବିଜେପି ପ୍ରାର୍ଥୀ ପ୍ରମୋଦ୍ ପ୍ରାର୍ଥିପତ୍ର ଦାଖଲ ପାଇଁ ସେଠାରେ ପହଞ୍ଚିଥିଲେ। ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଗଲା ପରେ ନିରଞ୍ଜନଙ୍କୁ ସମ୍ମୁଖରେ ପାଇ ପ୍ରମୋଦ ନମସ୍କାର ଜଣାଇଥିଲେ। ଆପଣ ବୟସରେ ବଡ଼। ମୋତେ ଆଶୀର୍ବାଦ କରନ୍ତୁ ବୋଲି ପ୍ରମୋଦ ଅନୁରୋଧ କରିଥିଲେ। ଏହି ଭିଡିଓଟି ସୁବର୍ଣ୍ଣପୁର ଜିଲ୍ଲାରେ ମୋବାଇଲରୁ ମୋବାଇଲକୁ ଘୁରି ବୁଲୁଛି। ତେବେ ନାମାଙ୍କନ ସମୟରେ ଦାଖଲ କାଗଜପତ୍ରରୁ ଜଣାପଡ଼ିଛି ଯେ, ନିରଞ୍ଜନ ପୂଜାରୀଙ୍କ ବୟସ ୭୩ ଏବଂ ପ୍ରମୋଦ ମହାପାତ୍ରଙ୍କ ବୟସ ୭୦। ଉଭୟେ ଆଇନଜୀବୀ ଏବଂ ସୋନପୁର ଓକିଲ ସଂଘ ସଦସ୍ୟ।



# ସ୍ୱାଧୀନ ପ୍ରାର୍ଥୀ ସୁଧାଂଶୁ ଡାଙ୍ଗଙ୍କ ନାମାଙ୍କନପତ୍ର ଦାଖଲ

**ବୌଦ୍ଧ, ୩।୫(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟମାଳ ନିର୍ବାଚନ ମଣ୍ଡଳୀ ପାଇଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଶୁକ୍ରବାର ସୁଧାଂଶୁ ଡାଙ୍ଗ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସ୍ଥାନୀୟ ମାତଙ୍ଗେଶ୍ୱର ମନ୍ଦିରରୁ ଶତାଧିକ ନେତା ଓ କର୍ମୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଫିସର ଦାରିଦ୍ର୍ୟ ଭଞ୍ଜନ ମଦନମୋହନ ପାତ୍ରଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଶ୍ରୀ ଡାଙ୍ଗ ଜିଲ୍ଲା ପାଣ ଗଣ୍ଡା ସମାଜ ବିକାଶ ପରିଷଦର ସାଧାରଣ ସମ୍ପାଦକ ଅଛନ୍ତି। ସେ ୨୦୧୪ ମସିହା ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀ ଭାବେ କଣ୍ଟାମାଳ ବିଧାନସଭା କ୍ଷେତ୍ରରୁ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ସେହିପରି ୨୦୧୯ ସାଧାରଣ ନିର୍ବାଚନରେ ମଧ୍ୟ ଉକ୍ତ ବିଧାନସଭା କ୍ଷେତ୍ରରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ।



# ବୌଦ୍ଧରୁ ୬, କଣ୍ଟାମାଳରୁ ୭ ନାମାଙ୍କନ ଦାଖଲ

**ବୌଦ୍ଧ, ୩।୫(ସମିସ):** ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୬ ଜଣ ଏବଂ କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ୭ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ବୌଦ୍ଧ ଜିଲ୍ଲାର ୨ଟି ଯାକ ବିଧାନସଭା ଆସନରେ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ସମୟ ଏପ୍ରିଲ ୨୬ରୁ ମେ ୩ ତାରିଖ ଧାର୍ଯ୍ୟ ହୋଇଥିଲା। ବୌଦ୍ଧ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ପ୍ରଦୀପ ଅମାତ, ବିଜେପିରୁ ସରୋଜ ପ୍ରଧାନ, କଂଗ୍ରେସରୁ ନବ ମିଶ୍ର, ଇଣ୍ଡିଆନ ସିଟିଜନ ପାର୍ଟିରୁ ଷଷ୍ଠ ପୁରୋହିତ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୋମନାଥ ପୁରୋହିତ, ପ୍ରଦୀପ ସାହୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିପରି କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡିରୁ ମହୀଧର ରଣା, ବିଜେପିରୁ କହ୍ନେଇ ଚରଣ ଡାଙ୍ଗ, କଂଗ୍ରେସରୁ ସରୋଜ ପ୍ରଧାନ, ମାନସ ଲୋକଶକ୍ତି ପାର୍ଟିରୁ କୁଞ୍ଜ ବିହାରୀ ସିଂ ଏବଂ ସ୍ୱାଧୀନ ପ୍ରାର୍ଥୀ ଭାବେ ସୁଧାଂଶୁ ଡାଙ୍ଗ, ସତ୍ୟବ୍ରତ ସାହୁ, ପ୍ରଫୁଲ୍ଲ ମଲ୍ଲିକ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶନିବାର ୧୧ଟା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଦଭାବନା ଗୃହରେ ପ୍ରାର୍ଥୀ ପତ୍ର ଯାଞ୍ଚ ହେବ। ୬ ତାରିଖ ଅପରାହ୍ଣ ୩ ଘଣ୍ଟା ପର୍ଯ୍ୟନ୍ତ ପ୍ରାର୍ଥୀ ମନୋନୟନ ପତ୍ର ପ୍ରତ୍ୟାହାର କରି ପାରିବେ। ମେ ୨୦ ସକାଳ ୭ଟାରୁ ଅପରାହ୍ଣ ୪ଟା ଯାଏଁ ମତଦାନ ହେବ।

# ୧୪ କୁଇଣ୍ଟାଲ ୭୦ କେଜି ମହୁଲ ଜବତ, ଜଣେ ଗିରଫ

**ଶଗଡ଼ା, ୩।୫(ସମିସ):** କଣ୍ଟାମାଳ ଅବକାରୀ ବିଭାଗ ୧୪ କୁଇଣ୍ଟାଲ ୭୦ କେଜି ମହୁଲ ଜବତ କରିଛି। ଏହି ଘଟଣାରେ ଘଣ୍ଟାପଡ଼ା ଥାନା ଦେଓଗାଁର ପଦ୍ମନାଭ ବାଘ (୬୦) ନାମକ ଜଣକୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇଥିବା କଣ୍ଟାମାଳ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ରୁଗୁଡ଼ିପଡ଼ା ଗ୍ରାମବାସୀ

**ଶଗଡ଼ା, ୩।୫(ସମିସ):** ସରକାର ଲୋକଙ୍କ ଗମନାଗମନ ସହ ପାନୀୟ ଜଳ ଭଳି ବିଭିନ୍ନ ମୌଳିକ ସୁବିଧା ପାଇଁ କୋଟି କୋଟି ଖର୍ଚ୍ଚ କରୁଛନ୍ତି; କିନ୍ତୁ ସ୍ଥାନୀୟ ପ୍ରଶାସନର ଅବହେଳା ପାଇଁ ଲୋକେ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଉପାନ୍ତ ଅଞ୍ଚଳର ଲୋକେ ରାସ୍ତା ସହ ପିଇବା ପାଣି ପାଇଁ ସଂଘର୍ଷ କରୁଛନ୍ତି। ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ସାହାଜପିଟା ରୁଗୁଡିପଡ଼ା ଗ୍ରାମ ଏମିତି ଏକ ଅଭିଶପ୍ତ ଗାଁ।

ଏହି ଗାଁରେ ୧୦ ପରିବାର ବସବାସ କରନ୍ତି। ପ୍ରତିଦିନ ପିଇବା ପାଣି ପାଇଁ ଗ୍ରାମବାସୀଙ୍କୁ ସଂଘର୍ଷ କରିବାକୁ ପଡେ। ଗ୍ରାମରେ ପିଇବା ପାଣି ପାଇଁ ଉପଯୋଗୀ ନଳକୂପ ମଧ୍ୟ ନାହିଁ। ଗାଁରୁ କିଛି ଦୂରରେ ଏକ ପରିତ୍ୟକ୍ତ ପୋଖରୀରେ ଗାଈଗୋରୁ ସହ ଗାଁ ଲୋକେ ମଧ୍ୟ ଗାଧୋଇଥାନ୍ତି; କିନ୍ତୁ ପିଇବା ପାଣି ପାଇଁ ଦୀର୍ଘ ୨କିଲୋମିଟର ଦୂର ଯିବାକୁ ପଡୁଛି। ଏଣୁ ବାଧ୍ୟ ହୋଇ ପୋଖରୀ ପାଣି ପିଇବା ପାଇଁ ଗ୍ରାମବାସୀ ବ୍ୟବହାର କରୁଛନ୍ତି। ଏହି ଦୂଷିତ ପାଣି ପାଇଁ ଅନେକ ରୋଗାକ୍ରାନ୍ତ ହୋଇ ଖର୍ଚ୍ଚାନ୍ତ ମଧ୍ୟ ହୋଇଥିବା ଗ୍ରାମବାସୀ କହନ୍ତି।

କେବଳ ଏତିକି ନୁହେଁ; ଏହି ଗ୍ରାମକୁ ଆସିବାକୁ ହେଲେ ଅବଡା ଖବଡା ମାଟି ରାସ୍ତା ଦେଇ ଆସିବାକୁ ପଡେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ରହିଛି। ସ୍ଥାନେ ସ୍ଥାନେ ପଥର ବାହାରିଛି। ଏଣୁ ଅନେକ ସମୟରେ ଦୁର୍ଘଟଣା ମଧ୍ୟ ଘଟେ। ଟିକିଏ ବର୍ଷା ହେଲେ ଗାଡିମଟର ତ ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୁଏ। ଯଦି ଗ୍ରାମର କେହି ରୋଗକ୍ରାନ୍ତ କି ପ୍ରସବ ଯନ୍ତ୍ରଣା ହୁଏ ତେବେ ଗାଁକୁ ଆମ୍ବୁଲାନ୍ସ ଆସି ପାରେ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଏ ସବୁ ସମସ୍ୟାର ସମାଧାନ ପାଇଁ ବାରମ୍ବାର ଅଭିଯୋଗ କଲେ ମଧ୍ୟସ୍ଥାନୀୟ ପ୍ରଶାସନ ଶୁଣୁ ନ ଥିବା ଗାଁ ଲୋକେ ଅଭିଯୋଗ କରିଛନ୍ତି।



- ପିଇବା ପାଣି ପାଇଁ ଲୋକଙ୍କୁ ସଂଘର୍ଷ କରିବାକୁ ପଡ଼େ
- ଗ୍ରାମରେ ଉପଯୋଗୀ ନଳକୂପ ମଧ୍ୟ ନାହିଁ
- ୨ କିଲୋମିଟର ଯାଇ ପାଣି ସଂଗ୍ରହ କରୁଛନ୍ତି
- ପାଣି ପିଇବା ପାଇଁ ପୋଖରୀ ଭରସା
- ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣୁନି ପ୍ରଶାସନ

# ୬ ବର୍ଷ ହେଲା କଲ୍ୟାଣ ମଣ୍ଡପ ଅସମ୍ପୂର୍ଣ୍ଣ

**ଜହ୍ନାପଙ୍କ, ୩।୫(ସମିସ)**

ବୌଦ୍ଧ ବ୍ଲକ ବଡ଼ିଗାଁ ପଞ୍ଚାୟତ ଓଲଣ୍ଡାରେ ନିର୍ମାଣାଧୀନ କଲ୍ୟାଣ ମଣ୍ଡପ ୬ ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇପାରିନାହିଁ। ଏହି କଲ୍ୟାଣ ମଣ୍ଡପ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ପ୍ରାୟ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା; ଛାତ ପର୍ଯ୍ୟନ୍ତ କାମ ହୋଇ ପଡ଼ିରହିଛି।

ଦିନକୁ ଦିନ ଲୋକସଂଖ୍ୟା ବୃଦ୍ଧି ହେତୁ ଅଞ୍ଚଳରେ ସଭା ସମିତି, ବୈଠକ, ସାମାଜିକ, ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସ୍ଥାନ ନାହିଁ। ଏହି ସମସ୍ୟାର ସମାଧାନର ଉଦ୍ଦେଶ୍ୟରେ ଏହି କଲ୍ୟାଣ ପଣ୍ଡପ ନିର୍ମାଣ କରାଯାଇଥିଲା; ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ କଲ୍ୟାଣ ମଣ୍ଡପର ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ବର୍ତ୍ତମାନ ଏହି ଅସମ୍ପୂର୍ଣ୍ଣ କୋଠାରେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମୁଛି। ତେବେ ଏହାର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ୧୦ ଲକ୍ଷ ଟଙ୍କା ଅନୁଦାନ ଦିଆ ଯାଇଛି। ବର୍ଷେ ବିତିଯାଇଥିଲେ ମଧ୍ୟ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉ ନ ଥିବାରୁ ଅଞ୍ଚବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ତୁରନ୍ତ କଲ୍ୟାଣ ମଣ୍ଡପ ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ ଖୁବ୍ ଶୀଘ୍ର ଅସମ୍ପୂର୍ଣ୍ଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବୌଦ୍ଧ ବ୍ଲକ ସହାୟକ ନିର୍ବାହୀ ଯନ୍ତ୍ରୀ ସମ୍ବିତ ବିଶ୍ୱାଳ ପ୍ରକାଶ କରିଛନ୍ତି।



## ପଣ୍ଡରାପଥର ଗାଁରେ ଉତ୍କଟ ପାଣି ସମସ୍ୟା

# କାମରେ ଆସୁନି କୋଟିଏ ଟଙ୍କାର ପ୍ରକଳ୍ପ

ନୂଆପଡ଼ା/କୋମନା, ୩।୫(ସମିସ)





ନୂଆପଡ଼ା ଜିଲ୍ଲାରେ ତାପମାତ୍ରା ଦିନକୁ ଦିନ ବଢ଼ି ଚାଲଛି। ଏଣୁ ଲୋକଙ୍କ ପାଣି ସମସ୍ୟା ମଧ ଉତ୍କଟ ହେବାରେ ଲାଗିଛି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ପଣ୍ଡରାପଥର ଗାଁରେ ପାଣି ସମସ୍ୟା ଉତ୍କଟ ହୋଇଛି। ବ୍ୟବସ୍ଥା ଅଛି; ହେଲେ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ଲୋକଙ୍କୁ ପାଣି ମୁନ୍ଦିଏ ମିଳି ପାରୁନାହିଁ।

ପଣ୍ଡରାପଥର ଗାଁରେ ୩ଟି ୱାର୍ଡରେ ୨ ହଜାର ଲୋକ ଅଛନ୍ତି। ପାନୀୟ ଜଳ ସକାଶେ କିନ୍ତୁ ସେଭଳି କୌଣସି ବିକଳ୍ପ ନାହିଁ। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ଜଳ ପରିମଳ ବିଭାଗ ତରଫରୁ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଗାଁରେ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ କରାଯାଇଛି। ପାଣି ପାଇଁ ଗାଁଠାରୁ ଗୋଟିଏ କିମି ଦୂର ନଦୀରେ ପାଣି ବ୍ୟବସ୍ଥା କରାଯାଇଛି। ଏଥିରେ ଗାଁରେ ୧୦/୧୨ଟି ଷ୍ଟାଣ୍ଡ ପୋଷ୍ଟ ମଧ କରାଯାଇଛି। ଜଳ ଯୋଗାଣ ମଧ ଆରମ୍ଭ ହୋଇଥିଲା। ମାସେ ଦୁଇ ମାସ ଚାଲିବା ପରେ ବନ୍ଦ ହୋଇଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନଦୀରୁ ପମ୍ପ ହାଉସକୁ ସଂଯୋଗ କରୁଥିବା ପାଇପ୍ ବହୁ ଜାଗାରେ ଫାଟିଯାଇଥିବା ହେତୁ ପାଣି ଆସୁ ନ ଥିବା କୁହାଯାଉଛି। ଏହାକୁ ନେଇ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଲୋକଙ୍କୁ କୌଣସି ବିକଳ୍ପ ମିଳୁ ନ ଥିବାରୁ ସରକାରୀ ପ୍ରକଳ୍ପ ଥିବା ସତ୍ତ୍ୱେ ଗାଁଠୁ ବହୁ ଦୂରରେ ଥିବା ନାଳରୁ ପାଣି ସଂଗ୍ରହ କରି ଆଣୁଛନ୍ତି। ଏହା ଉପରେ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ପାଣି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ଗାଁର ମଗନ ବାଗ, କିଶୋର ରାଉତ, ଦୟା ଦାସ, ଡମ୍ବରୁ ରାଉତ, ବିରଞ୍ଚି ରାଉତ ପ୍ରମୁଖ ଦାବି କରିଛନ୍ତି।

● ସାଧାରଣ ନିର୍ବାଚନ ପୂର୍ବରୁ ପୁଲିସ ଚେକିଂ

## ନୂଆପଡ଼ା-ବରଗଡ଼ ରାସ୍ତାରୁ ୪ ଲକ୍ଷ ୮ ୯ ହଜାର ଟଙ୍କା ଜବତ

**ନୂଆପଡ଼ା, ୩।୫ (ସମିସ):** ସାଧାରଣ ନିର୍ବାଚନ ଅବ୍ୟବହିତପୂର୍ବରୁ ନୂଆପଡ଼ା ଜିଲ୍ଲା ପୁଲିସ ପକ୍ଷରୁ ଚେକିଂକୁ କଡ଼ା କଡ଼ି କରାଯାଇଛି। ଶୁକ୍ରବାର ମଧ୍ୟାହ୍ନରେ ନୂଆପଡ଼ା-ବରଗଡ଼ ସୀମାନ୍ତ ସାହିପଲା ଚେକ୍‌ପୋଷ୍ଟରେ ୪ ଲକ୍ଷ ଟଙ୍କା ୮ ୯ ହଜାର ଟଙ୍କା ନୂଆପଡ଼ା ପୁଲିସ ଦ୍ୱାରା ଜବତ ହୋଇଛି। ଆଜି ପଡ଼ୋଶୀ ବରଗଡ଼ ଜିଲ୍ଲାରୁ ନୂଆପଡ଼ା ଅଭିମୁଖେ ଆସୁଥିବା ଓମିନି କାର୍‌କୁ ସାହିପଲା ଚେକପୋଷ୍ଟରେ ପୁଲିସ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ କାର୍‌ରୁ ୪ ଲକ୍ଷ ୮ ୯ ହଜାର ଟଙ୍କା ଜବତ କରିଛି ନୂଆପଡ଼ା ପୁଲିସ। ଏଥିସହ ୨ ଜଣଙ୍କୁ ଥାନାରେ ଅଟକ ରଖିଥିବାବେଳେ ଲକ୍ଷାଧିକ ଟଙ୍କା କେଉଁଠୁ ଆସୁଥିଲା ଏବଂ ଟଙ୍କା କାହାର ସେନେଇ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଥିବା ନୂଆପଡ଼ା ଥାନାଧିକାରୀ ଦିଲୀପ ସାହୁ ସୂଚନା ଦେଇଛନ୍ତି।




## ବୋରିଆରେ ନାମଯଜ୍ଞ



**କେସିଙ୍ଗା, ୩।୫(ସମିସ):** କେସିଙ୍ଗା ବ୍ଲକ ବୋରିଆରେ ମହାସମାରୋହରେ ଶୁକ୍ରବାର ଷୋହଳ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଛି। ଗୁରୁବାର ନାମଯଜ୍ଞ ପାଇଁ କଳସ ଯାତ୍ରା କରାଯାଇଥିଲା। ଗାଁର ଶତାଧିକ ଝିଅ, ବୋହୂ ଗାଁ ନିକଟ ରେତ ନଦୀକୁ ଯାଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଘଣ୍ଟ, ଶଙ୍ଖ, ବାଜା ବାଜାଇ ଭରା କଳସୀ ପାଣି ଧରି ଗାଁ ଅଭିମୁଖେ ଯାଇଥିଲେ। ଏହାପରେ ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ନାମଯଜ୍ଞରେ କମିଟି ପକ୍ଷରୁ ସଭାପତି ଭାବେ ନରହରି ସ୍ୱାଇଁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସମ୍ପାଦକ ଭାବେ ଟିକେରାମ ଛତ୍ରିଆ ଏବଂ କୋଷକ୍ଷଧ୍ୟକ୍ଷ ଭାବେ ନିଶାମଣି ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପୂଜା କର୍ତ୍ତା ଭାବେ ନାରାୟଣ ନାୟକ ଏବଂ ତାଙ୍କ ପତ୍ନୀ ପଦ୍ମାବତୀ ନାୟକ ଦାୟିତ୍ୱ ନେଇଛନ୍ତି। ପୂଜକ ଭାବେ ପ୍ରଣବ ଦାଶ ଏବଂ ତାଙ୍କ ସହଯୋଗୀ ଦାଶରଥି ଷଡଙ୍ଗୀ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହି ୧୬ ପ୍ରହର ନାମଯଜ୍ଞରେ ୧୦ଟି ସଂକୀର୍ତ୍ତନ ଦଳ ଯୋଗଦେବେ।

● ମାନବିକତାର ପରିଚୟ ଦେଲେ ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ ସଦସ୍ୟ

## ଅସହାୟ ମହିଳାଙ୍କ ଶବ ସତ୍କାର କଲେ

**ଜୁନାଗଡ଼, ୩।୫(ସମିସ):** ଜଣେ ଅସହାୟ ମହିଳାଙ୍କ ଶବ ସତ୍କାର କରି ମାନବିକତାର ପରିଚୟ ଦେଇଛନ୍ତି ସୋସିଆଲ ୱେଲଫେୟାର ଅର୍ଗାନାଇଜେସନ ସଦସ୍ୟମାନେ। ଅନୁଷ୍ଠାନ ସଦସ୍ୟମାନଙ୍କ ଏହି ମହତ୍ କାର୍ଯ୍ୟ ପାଇଁ ଅଞ୍ଚଳବାସୀଙ୍କ ପ୍ରଶଂସାର ପାତ୍ର ହୋଇପାରିଛନ୍ତି।



ଜୁନାଗଡ଼ ଏନ୍‌ଏସି ବାଞ୍ଚିବନ୍ଧପଡ଼ାର ଯଶୋଦା ଦଣ୍ଡସେନା ଦୀର୍ଘଦିନ ଧରି କ୍ୟାନ୍ସର ରୋଗରେ ପୀଡ଼ିତ ହୋଇ ଦୁର୍ବିସହ ଜୀବନ ବିତାଉଥିଲେ। ଯଶୋଦାଙ୍କ ସ୍ୱାମୀ ଥିଲେ ମଧ ସେ ଅନବରତ ମଦ ପିଇ ନିସାଗ୍ରସ୍ତ ଅବସ୍ଥାରେ ରହିବା ସହ ପରିବାର ସଦସ୍ୟଙ୍କ ସହ ଝଗଡ଼ା କରୁଥିଲେ। ତେଣୁ ଯଶୋଦା କ୍ୟାନ୍ସରରେ ଆକ୍ରାନ୍ତ ହୋଇଥିବା ସତ୍ତ୍ୱେ ପର ଘରେ କାମ କରି ପରିବାର ଚଳାଇବା ସହ ୩ ଝିଅଙ୍କ ପାଠପଢ଼ା ଦାୟିତ୍ୱ ମଧ ତୁଲାଉଥିଲେ। ତେବେ ଗୁରୁବାର ଯଶୋଦାଙ୍କ ମୃତ୍ୟୁ ହୋଇଥିଲା। ମୃତଦେହ ଘରେ ପଡ଼ିରହିଥିବା ବେଳେ ସତ୍କାର ପାଇଁ କେହି ଆଗେଇ ଆସି ନ ଥିଲେ। ଏହି ଦୁଃଖଦ ଘଟଣା ସମ୍ପର୍କରେ ଗ୍ରାମର ଜଣେ ମହିଳା ଫୋନ୍ ମାଧ୍ୟମରେ କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ 'ସୋସିଆଲ ୱେଲଫେୟାର ଅର୍ଗାନେଜେସନ୍'ର ଉପସଭାପତି ଭୋଳାଶଙ୍କର ପାତ୍ରଙ୍କୁ ଜଣାଇଥିଲେ। ଭବାନୀପାଟଣାରୁ ଅନୁଷ୍ଠାନର ଉପସଭାପତି ପାତ୍ରଙ୍କ ସମେତ ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଯବାନ ଫିଜିକାଲ୍ ଏକାଡେମୀର ପ୍ରତିଷ୍ଠାତା ଭୂପେନ୍ଦ୍ର ନାଏକ, ଉମାକାନ୍ତ ସୁନାନୀ ଜନସନ୍ ମାଝୀ, ଜ୍ଞାନୀ ସାଗର, କିଶୋର ତାଣ୍ଡି ପ୍ରମୁଖ ଉକ୍ତ ସ୍ଥାନରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଜୁନାଗଡ଼ ଏନ୍‌ଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲଙ୍କୁ ଜଣାଇଥିଲେ। ଶବ ସତ୍କାର ପାଇଁ ମୁକେଶ ୪୦୦୦ ଟଙ୍କା, ମହେଶ୍ୱର ଅଗ୍ରୱାଲ ୫୦୦ ଟଙ୍କା ଓ ସନ୍ତୋଷ ଜୈନ ୨୧୦୦ ଟଙ୍କା ପ୍ରଦାନ କରିବା ସହ ପରିବାରକୁ ରେସନ୍ ସାମଗ୍ରୀ ଯୋଗାଇ ଦେଇଥିଲେ। ମୃତଦେହକୁ ସମ୍ମାନର ସହ ହାତୀନଦୀ କୂଳକୁ ନିଆଯାଇ ସତ୍କାର କରାଯାଇଥିଲା।

● ଆନ୍ତର୍ଜାତିକ ନୃତ୍ୟ ଦିବସ

## ମନ ଛୁଇଁଲା କୁନି ନୃତ୍ୟଶିଳ୍ପୀଙ୍କ ନାଚ

**ଭବାନୀପାଟଣା, ୩।୫(ସମିସ):** ଆନ୍ତର୍ଜାତିକ ନୃତ୍ୟ ଦିବସ ଉପଲକ୍ଷେ ସ୍ଥାନୀୟ ସିନେପ୍ଲେକ୍ସଠାରେ ଦି ଆନ୍ କେପଡ୍ ଆର୍ଟିଷ୍ଟ ସଂସ୍ଥା ପକ୍ଷରୁ ଏକ ମନୋଜ୍ଞ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଭବାନୀପାଟଣା ସହରର ବିଭିନ୍ନ ନୃତ୍ୟ ପ୍ରଶିକ୍ଷଣ ଅନୁଷ୍ଠାନ ଓ ବିଦ୍ୟାଳୟର ଶତାଧିକ କୁନିକୁନି ନୃତ୍ୟଶିଳ୍ପୀ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ତଥା ସ୍ଥାନୀୟ ସାଂଧ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ପରମେଶ୍ୱର ମୁଣ୍ଡ, ପ୍ରତିଭା ଅନୁଷ୍ଠାନର ସଭାପତି ତଥା ନୃତ୍ୟ ଗୁରୁ ଧ୍ୟାନାନନ୍ଦ ପଣ୍ଡା ଓ ବିଶିଷ୍ଟ କବିୟିତ୍ରୀ ନୁପୂର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମରେ ସହରର ଜେକେ ଡ୍ୟାନ୍ସ ଗ୍ରୁପ, ଏମ୍ ଏମ୍ ଡ୍ୟାନ୍ସ ଗ୍ରୁପ, ସକ୍ଷମ ଡ୍ୟାନ୍ସ ଏକାଡେମୀ, ବୃନ୍ଦାବନ ସ୍ମାର୍ଟ ସ୍କୁଲ, କ୍ରିଏଟିଭ କଲଚରାଲ୍ ଏକାଡେମୀ, ଅର୍ଚ୍ଚିତା ଡ୍ୟାନ୍ସ ଗ୍ରୁପର ଜୁନିୟର ଓ ସବ୍ ଜୁନିୟର ଗ୍ରୁପର ଶତାଧିକ କୁନି କଳାକାର ଚମତ୍କାର ନୃତ୍ୟ ପ୍ରଦର୍ଶନ କରି ଅତିଥି ଓ ଅଭିଭାବକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଲିପ୍ସାରାଣୀ ବାରିକ, ଶତାବ୍ଦୀ ନାଏକ, ସତ୍ୟ ପ୍ରକାଶ ଭୋଇ, ମନମୋହନ ସିଂ, ଆଲୋକ ସାହୁ, ସୌମ୍ୟରଞ୍ଜନ ଜେନା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ବିଜେପି ଛାଡ଼ି ବିଜେଡିରେ ମିଶିଲେ ପୂର୍ବତନ ବିଧାୟକ



**ନର୍ଲା, ୩।୫(ସମିସ):** ବିଜେଡିରେ ଯୋଗଦାନ କରିଛନ୍ତି ନର୍ଲାର ପୂର୍ବତନ ବିଧାୟକ କୁମରମଣି ଶବର। ଶିକ୍ଷକତା ଛାଡ଼ି କୁମରମଣି ୧୯୮୫ରେ କଂଗ୍ରେସ ଟିକଟରୁ ନର୍ଲା ବିଧାୟକ ଭାବରେ ନିର୍ବାଚିତ ହେଇଥିଲେ। ପରେ ନର୍ଲା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇଥିଲେ। ଗତ କିଛିବର୍ଷ ହେଲା ସେ ବିଜେପିରେ ମିଶିଥିବା ବେଳେ ଶୁକ୍ରବାର ବିଜେପି ପରିତ୍ୟାଗ କରି ବିଜେଡିରେ ଯୋଗଦାନ କରିଛନ୍ତି। ତାଙ୍କ ସହ ପୂର୍ବତନ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ପୂର୍ବତନ କର୍ଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ପବିତ୍ର ଭୋଇ, ପୂର୍ବତନ ବ୍ଲକ ସଭାପତି ଗୌରଚନ୍ଦ୍ର ବିଶ୍ୱାଳ, କୋଲଥା ସମାଜ ସଭାପତି ଗୋଲାରାମ ସାହୁ ଏବଂ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନବୀନ ଚନ୍ଦ୍ର ରଣାଙ୍କ ସମେତ ଏମାନଙ୍କ ଶତାଧିକ କର୍ମୀ ମଧ ବିଜେଡିରେ ଯୋଗଦେଇଛନ୍ତି। ଶୁକ୍ରବାର ବିଜେଡି କଳାହାଣ୍ଡି ଜିଲ୍ଲା ପର୍ଯ୍ୟବେକ୍ଷକ ତଥା ଧର୍ମଶାଳା ବିଧାୟକ ପ୍ରଣବ ବଲବନ୍ତରାୟ ଏବଂ ବିଜେଡି ଲୋକସଭା ପ୍ରାର୍ଥୀ ଲମ୍ବୋଦର ନିଆଲଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଆଗକୁ ନର୍ଲା ନିର୍ବାଚନମଣ୍ଡଳୀରେ ବିଜେଡିକୁ ସୁଦୃଢ଼ କରିବା ପାଇଁ ସମସ୍ତେ କାମ କରିବେ ବୋଲି ପ୍ରକାଶ କରିଛନ୍ତି। ଅବିନାଶ ଠାକୁର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲମପୁରରେ ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ ପାଳିତ

**କଲମପୁର, ୩।୫(ସମିସ):** ମେ ୩ ତାରିଖକୁ ମିଳିତ ଜାତିସଂଘ ଦ୍ୱାରା ବିଶ୍ୱ ପ୍ରେସ ସ୍ୱାଧୀନତା ଦିବସ ରୂପେ ଘୋଷଣା କରାଯାଇଛି। ସାମ୍ବାଦିକଙ୍କ ଅଧିକାର ଓ ପ୍ରେସର ମହତ୍ତ୍ୱ ଉପରେ ସରକାରଙ୍କୁ ସ୍ମରଣ କରିବା ଏହି ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ। ସେଥିପାଇଁ ବିଶ୍ୱର ଯେକୌଣସି ରାଷ୍ଟ୍ରରେ ପ୍ରେସ ସ୍ୱାଧୀନତାର ସୁରକ୍ଷା ଏବଂ ପ୍ରୋତ୍ସାହନରେ ଏକ ସ୍ୱତନ୍ତ୍ର ଅଧିକାର ଅଛି। ଏହି ପରିପ୍ରେକ୍ଷୀରେ କଲମପୁର ଅଞ୍ଚଳର ବରିଷ୍ଠ ସାମ୍ବାଦିକ ସୁରେନ୍ଦ୍ର କୁମାର ନାଏକଙ୍କ ଆବାହକତ୍ୱରେ ଏହି ଦିବସ ପାଳନ କରାଯାଇଛି। କଲମପୁର ବ୍ଲକର ସାମ୍ବାଦିକ ସମୂହ ଏକତ୍ରିତ ହୋଇ ଶୁକ୍ରବାର ବିଜୁ କଲ୍ୟାଣ ମଣ୍ଡପରେ ପ୍ରେସ୍ ସ୍ୱାଧୀନତା ଦିବସ ପାଳନ କରିଛନ୍ତି। ସାମ୍ବାଦିକ ଶୁଭେନ୍ଦୁ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଶଙ୍କର୍ଷଣ ବେହେରା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ରୂପେ ଛତିଶଗଡ଼ ସରକାରଙ୍କ ସେବା ନିବୃତ୍ତ ଅବକାରୀ କମିଶନର ଗଙ୍ଗାଧର ମାଝୀ, ସମ୍ମାନିତ ଅତିଥି ଭାବେ ମୁଖୀଗୁଡ଼ା ଇନ୍ଦ୍ରାବତୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ବରିଷ୍ଠ କିରାଣି ବିକ୍ରମ ଯୋଶୀ ଏବଂ ମୁଖ୍ୟବକ୍ତା ଭାବେ ଜୟପାଟଣା ବ୍ଲକ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରା ଯୋଗଦେଇଥିଲେ। ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜାର୍ଚ୍ଚନା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସାମ୍ବାଦିକ ଚକ୍ରଧର ନାଏକ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମସ୍ତ ସାମ୍ବାଦିକ ଏହି ଦିବସରେ ଶୁଭେଚ୍ଛା ବକ୍ତବ୍ୟ ରଖିଥିଲେ। ଅତିଥିଙ୍କ ଅଭିଭାଷଣ ପରେ କାର୍ଯ୍ୟକ୍ରମର ଆୟୋଜକ ସୁରେନ୍ଦ୍ର ନାଏକ ଏବଂ ଦୀପକ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ କାର୍ଯ୍ୟ ପାଇଁ ସାମ୍ବାଦିକ ଲକ୍ଷ୍ମୀରଞ୍ଜନ ବାଗଙ୍କୁ ଉପଢୌକନ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ 'ସକାଳ'ର କଲମପୁର ବ୍ଲକ ସାମ୍ବାଦିକ ଗଣେଶରାମ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟବକ୍ତା ତଥା ବରିଷ୍ଠ ସାମ୍ବାଦିକ ଶେଷଦେବ ବେହେରାଙ୍କ ଦ୍ୱାରା ବଜାର ପ୍ରାଙ୍ଗଣରେ ଥିବା ନୂତନ ସାମ୍ବାଦିକ ଭବନର ଶୁଭାରମ୍ଭ କରାଯାଇଥିଲା। ଏଥିରେ ସାମ୍ବାଦିକ ଭୁଜରାଜ ଛତ୍ରିଆ, ଦିଲୀପ ରଣା, ଅଜିତ ପୂଝାରୀ, ଶରତ ଚନ୍ଦ୍ର ସୁନାନୀ, ମନୋଜ ବେମାଲ, ଦର୍ଶନ ଗୁପ୍ତା, ଶେଷଦେବ ନାଏକ, ଟଙ୍କଧର ବିହାରୀ, କେଶବ ସୁନାନୀ, ଲିଙ୍ଗରାଜ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



## ଅବସରପ୍ରାପ୍ତ ଯବାନଙ୍କୁ ସମ୍ବର୍ଦ୍ଧନା

**ଚାରବାହାଲ, ୩।୫(ସମିସ):** ଜୁନାଗଡ଼ ବ୍ଲକ କଟିମଡୋଲା ଗ୍ରାମର ବ୍ରଜମୋହନ ନାଏକ ୨୦୦୦ ମସିହାରେ ଭାରତୀୟ ସୀମା ସୁରକ୍ଷା ବାହିନୀରେ ରାଜସ୍ଥାନ ଜୟପୁର ୩୯ ବାଟାଲିୟନରେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି। ସେ ତାଙ୍କ ଚାକିରି ଜୀବନରେ ଅନୁଶାସନ ସହ ନିଷ୍ଠାପର ସେବା ଯୋଗାଇଥିଲେ। ବର୍ତ୍ତମାନ ସେ ଚାରବାହାଲରେ ନିଜ ପରିବାର ସହ ରହୁଛନ୍ତି। ତାଙ୍କ ଅବସର ଖବର ଶୁଣି ସ୍ଥାନୀୟ ଚାରବାହାଲ ଗ୍ରାମର ଯୁବ ଗୋଷ୍ଠୀ ତାଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ବ୍ରଜମୋହନଙ୍କୁ ଏକ ବାଇକ୍ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ବ୍ରଜମୋହନ ବାବାସାହେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।



## ମୋବାଇଲ୍ ଦୋକାନରୁ ଚୋରି

**କୋକସରା, ୩।୫(ସମିସ):** ଗୁରୁବାର ବିଳମ୍ବିତ ରାତିରେ କୋକସରା ବ୍ଲକ ଆମପାଣି ଷ୍ଟେଟ ବ୍ୟାଙ୍କ ନିକଟରେ ଥିବା ନିଳାନନ୍ଦ ସେଲ ପଏଣ୍ଟ (ମୋବାଇଲ ଦୋକାନ)ରୁ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ବିଳମ୍ବିତ ରାତିରେ ଜଣେ ମାସ୍କ ପିନ୍ଧା ବ୍ୟକ୍ତି ଦୋକାନ ସଟର ଉପରେ ଥିବା ସ୍କାଏ ଲାଇଟ ପଟେ ଭିତରକୁ ପଶିଥିଲା। ଦୁର୍ବୃତ୍ତ ଜଣକ ଗୋଟିଏ ଏମ୍‌ଆଇ ମୋବାଇଲ ଫୋନ ଓ ପାଖାପାଖି ୧୨ ହଜାର ଟଙ୍କା ଚୋରି କରି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ଚୋରି ସମୟର ସମ୍ପୂର୍ଣ୍ଣ ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି। ଏଭଳି ଚୋରି ଘଟଣା ସାମ୍ନାକୁ ଆସିବା ପରେ ଆମପାଣିର ଦୋକାନୀମାନେ ଭୟଭୀତ ହୋଇପଡ଼ିଛନ୍ତି। ପୁଲିସ ପ୍ରଶାସନ ପାଟ୍ରୋଲିଂ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଆମପାଣି ଥାନା ଅଧିକାରୀ ଗଙ୍ଗାଧର ମେହେରଙ୍କୁ ପଚାରିବାରୁ ମରାମତି ପାଇଁ ଥିବା ଗୋଟିଏ ମୋବାଇଲ ଓ କିଛି ଟଙ୍କା ଚୋରି ହୋଇଛି, ତଦନ୍ତ ଚାଲିଛି ବୋଲି କହିଛନ୍ତି।



● ସିସିଟିଭିରେ ଚୋରି ସମୟର ଦୃଶ୍ୟ କଏଦ

## ଠେମରାରେ ବିଜୟ ସଂକଳ୍ପ ସମାବେଶ

**କେସିଙ୍ଗା, ୩।୫(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଉକ୍ରେଲା ପଞ୍ଚାୟତ ଠେମରା ଆମ୍ବ ତୋଟାରେ ବିଜେପି ପକ୍ଷରୁ ଏକ ବିଜୟ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶ୍ରମ ନିୟୋଜନ, ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ଭୂପେସ ଯାଦବ ଯୋଗ ଦେଇଥିଲେ। ବିଜେପି ଲୋକସଭା ପ୍ରାର୍ଥୀ ମାଳବିକା ସିଂଦେଓ, ସଦର ଭବାନୀପାଟଣା ବିଜେପି ବିଧାନ ସଭା ବିଧାୟକ ପ୍ରାର୍ଥୀ ପ୍ରଦୀପ୍ତ ନାଏକ, ଜିଲ୍ଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲ୍ଲା ସହ ସଂଯୋଜକ ଯୁଗଳ କିଶୋର ପୋଦ୍ଦାର, ପୂର୍ବତନ ବିଧାୟକ ଅନାମ ନାଏକ, ଭବାନୀପାଟଣା ସଦର ବିଧାନସଭା ପ୍ରଭାରୀ ମୁକେଶ ଅଗ୍ରୱାଲ, ବୋରିଆ ମଣ୍ଡଳ ସଭାପତି ଅଶୋକ ପୋଦ୍ଦାର, ଉକ୍ରେଲା ମଣ୍ଡଳ ସଭାପତି ଅଭିମନ୍ୟୁ ସାହୁ, କେସିଙ୍ଗା ନଗର ସଭାପତି ମଗନ ସିନ୍ଦୂର ପ୍ରମୁଖ ଉପସ୍ଥିତ ଥିଲେ।

## କେସିଙ୍ଗା ବିଜେଡିର ୱାର୍ଡସ୍ତରୀୟ ପ୍ରଚାର

**କେସିଙ୍ଗା, ୩।୫(ସମିସ):** କେସିଙ୍ଗା ନଗର ବିଜେଡି ପକ୍ଷରୁ ୱାର୍ଡସ୍ତରୀୟ ପ୍ରଚାର କରାଯାଇଛି। ରମେଶ ପଟ୍ଟନାୟକଙ୍କ ନେତୃତ୍ୱରେ କେସିଙ୍ଗା ଏନ୍‌ଏସି ୭ ନମ୍ବର ୱାର୍ଡର ପତି ଘର ଘର ବୁଲି ପ୍ରଚାର କରାଯାଇଛି। ଯୁବ ନେତା ସିଲୁ ପରିଡ଼ା, କେସିଙ୍ଗା ଯୁବ ମୋର୍ଚ୍ଚା ସଭାପତି ରଞ୍ଜନ ବେହେରା, କାଉନସିଲର ରମାକାନ୍ତ ଜେନା, କବିତା ମାଝୀ, ମଞ୍ଜୁଳା ସାହୁଙ୍କ ସମେତ ବରିଷ୍ଠ ବିଜେଡି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।



## ଜୋନ୍-୨ରେ ମନୋରମାଙ୍କ ପ୍ରଚାର



**ନର୍ଲା, ୩।୫(ସମିସ):** ନର୍ଲା ବିଧାନସଭା ଆସନ ପାଇଁ ବିଜୁ ଜନତା ଦଳ ପକ୍ଷରୁ ବିଧାୟିକା ଭାବେ ପ୍ରାର୍ଥୀ ହୋଇଥିବା ମନୋରମା ମହାନ୍ତି ଜୋନ୍-୨ରେ ଶୁକ୍ରବାର ନିଜର ପ୍ରଚାର କରିଛନ୍ତି। ଜିଲ୍ଲା ପରିଷଦ ସଭ୍ୟ ହରିଶଙ୍କର ମାଝୀ, ନମ୍ରତା ସାହୁଙ୍କ ସହ ଶତାଧିକ ମହିଳା ଓ ପୁରୁଷ ପ୍ରମୁଖ ଶ୍ରୀମତୀ ମହାନ୍ତିଙ୍କ ସହ ନିର୍ବାଚନ ପ୍ରଚାରରେ ସାମିଲ ହୋଇଥିଲେ।

## କୋକସରା ବ୍ଲକ୍‌ରେ ଗୃହ ଭୋଟ ଆରମ୍ଭ

# ମତଦାନ କଲେ ୫୨ ବରିଷ୍ଠ ବ୍ୟକ୍ତି ଓ ଭିନ୍ନକ୍ଷମ

କୋକସରା, ୩।୫(ସମିସ)

ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ୨୦୨୪ ଲୋକସଭା ନିର୍ବାଚନରେ ବୟସ୍କ ଓ ଭିନ୍ନକ୍ଷମଙ୍କ ପାଇଁ ହୋମ୍ ଭୋଟିଂର ସୁବିଧା ପ୍ରଦାନ କରିଛି। ୮୫ ବର୍ଷରୁ ଅଧିକ ବୟସ୍କ ଓ ୪୦ ପ୍ରତିଶତ ଭିନ୍ନକ୍ଷମ ଭୋଟର ଏହି ବିକଳ୍ପ ଗୃହ ମତଦାନ ସୁବିଧା ପାଇପାରିବେ। ମେ' ୧୩ରେ କଳାହାଣ୍ଡି ଲୋକସଭା ସମେତ ୭ଟି ବିଧାନସଭାରେ ଭୋଟ ଗ୍ରହଣ କରାଯିବ। ଧର୍ମଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନ କୋକସରା ବ୍ଲକରେ ଶୁକ୍ରବାରଠାରୁ ବୟସ୍କ ବ୍ୟକ୍ତି ଓ ଭିନ୍ନକ୍ଷମଙ୍କ ପାଇଁ ମତଦାନ ଆରମ୍ଭ ହୋଇସାରିଛି। ଶୁକ୍ରବାର ପ୍ରଥମ ଦିନରେ ବ୍ଲକର ଡହଗାଁ, ମୁଷାପାଲି, ଗହନାମୁଣ୍ଡା, ଝରିଆଗୁଡା, ଡଙ୍ଗରୀଗୁଡା, କୁସୁମଖୁଣ୍ଟି, ବାଟିଗୁଡା, ଫୁପଗାଁ, ସିର୍ଲିଗୁଡା, କୋକସରା, ପାଣିଗାଁ, ଚିଲିଗୁଡା, ଟେମରା, ଦାବ୍ରିଗୁଡା, ମହୁଲମୁଣ୍ଡା, ମାଝିଗୁଡା, ମହିମା ଆଦି ଗ୍ରାମର ୫୨ ଜଣ ବରିଷ୍ଠ ବ୍ୟକ୍ତି ଓ ଭିନ୍ନକ୍ଷମ ଭୋଟର ଘରେ ବସି ମତ ସାବ୍ୟସ୍ତ କରିଥିବାବେଳେ ୨ ଜଣ କୌଣସି କାରଣରୁ ଭୋଟ ପ୍ରଦାନ କରି ନ ଥିବା ଜଣାପଡ଼ିଛି। ଏଥର ପ୍ରଥମ ଥର ପାଇଁ ଏହି ବର୍ଗର ଭୋଟରମାନେ ଦୁଆର ମୁହଁରେ ନିଜ ପସନ୍ଦର ପ୍ରାର୍ଥୀଙ୍କୁ ମତସାବ୍ୟସ୍ତ କରିଥିବାରୁ ଖୁସି ଅନୁଭବ କରିଛନ୍ତି। କୋକସରା ବ୍ଲକର ୨୨ଟି ପଞ୍ଚାୟତରୁ ସମୁଦାୟ ୧୨୪ ଜଣ ବରିଷ୍ଠ ବ୍ୟକ୍ତି ଓ ଭିନ୍ନକ୍ଷମ ଭୋଟର ପଞ୍ଜିକରଣ ହୋଇଥିବା ସୂଚନା ମିଳିଛି।



